କୋଶଳ ସମ୍ବାଦ

କୋଶଳର ସ୍ୱର, ଜନତାର ସମ୍ବାଦ

Koshalsambada.In / epaper
RNI REGD NO- ORORI/26A4694

ଦୈନିକ ଓଡ଼ିଆ ଖବର କାଗଜ

Koshalsambada.In / epaper
KOSHAL SAMBAD- Daily News Paper

Vol- 01 ■ No-50, Sunday 22 November 2026 ■ 6 pages : Rs. 4/ - ■ ପ୍ରଥମ ବର୍ଷ, ସଂଖ୍ୟା-୫୦ ■ ରବିବାର ୨୨ ନଭେମ୍ବର ୨୦୨୬■ ୬ ପୃଷ୍ଠା: ମୂଲ୍ୟ ୨/-ଟଙ୍କା

ସଡ଼କ ଦୁର୍ଘଟଣାରେ ପ୍ରତିବର୍ଷ ଓଡ଼ିଶାରେ ହଜାର ହଜାର ଜୀବନ ଯାଉଛି

ସୁରକ୍ଷିତ ଯାତାୟାତ ପାଇଁ କଠୋର ପଦକ୍ଷେପ ଜରୁରୀ



ଭୁବନେଶ୍ୱର : ରାଜ୍ୟରେ ସଡ଼କ ଦୁର୍ଘଟଣା ଏକ ଭୟଙ୍କର ସାମାଜିକ ସମସ୍ୟା ଭାବେ ଦେଖାଦେଇଛି। ପ୍ରତିବର୍ଷ ହଜାର ହଜାର ଲୋକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ବେଳେ ଅନେକ ପରିବାର ଅକାଳରେ ନିଜର ପ୍ରିୟଜନଙ୍କୁ ହରାଉଛନ୍ତି। ଓଡ଼ିଶା ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁସାରେ ରାଜ୍ୟରେ ବାର୍ଷିକ ହାରାହାରି ୫,୭୮୨ ଜଣଙ୍କ ଜୀବନ ସଡ଼କ ଦୁର୍ଘଟଣାରେ ଯାଉଛି। ଦ୍ରୁତଗତିରେ ଗାଡ଼ି ଚଳାଇବା, ମଦ୍ୟପାନ କରି ଗାଡ଼ି ଚାଳନା, ହେଲମେଟ୍ ଓ ସିଟ୍‌ବେଲ୍ ବ୍ୟବହାର ନକରିବା, ଟ୍ରାଫିକ୍ ନିୟମ ଉଲ୍ଲଂଘନ ଏବଂ ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ବ୍ୟବହାର ଦୁର୍ଘଟଣାର ପ୍ରମୁଖ କାରଣ ଭାବେ ଚିନ୍ତା ସୃଷ୍ଟି କରୁଛି। ଅନେକ ସମୟରେ ରାସ୍ତାର ଖରାପ ଅବସ୍ଥା, ଆଲୋକ ବ୍ୟବସ୍ଥାର ଅଭାବ ଓ ଅସୁରକ୍ଷିତ ମୋଡ଼ ମଧ୍ୟ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ପରିବାରର ରୋଜଗାର କରୁଥିବା ବ୍ୟକ୍ତିଙ୍କ ମୃତ୍ୟୁ ଅନେକ ଶିଶୁଙ୍କ ଶିକ୍ଷା, ବୃଦ୍ଧଙ୍କ ଚିକିତ୍ସା ଓ ଘରର ଆର୍ଥିକ ସ୍ଥିତିକୁ ପ୍ରଭାବିତ କରିଥାଏ। ତେଣୁ ସଡ଼କ ସୁରକ୍ଷା କେବଳ ଟ୍ରାଫିକ୍ ବିଭାଗର କାର୍ଯ୍ୟ ନୁହେଁ; ଏହା ସମଗ୍ର ସମାଜର ଦାୟିତ୍ୱ। ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ନିୟମିତ ଯାଞ୍ଚ, ଟ୍ରାଫିକ୍ ନିୟମର କଠୋର ପାଳନ, ରାସ୍ତାର ତ୍ରୁଟି ସୁଧାର, ବ୍ଲାକ୍‌ସ୍ପଟ୍ ଚିହ୍ନଟ, ଆମ୍ବୁଲାନ୍ସ ସୁବିଧା ଓ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଆବଶ୍ୟକ। ଗାଡ଼ି ଚାଳକଙ୍କ ଦାୟିତ୍ୱବୋଧ ଓ ପ୍ରଶାସନର କଠୋର ନିରୀକ୍ଷଣ ମିଶିଲେ ଅନେକ ମୂଲ୍ୟବାନ ଜୀବନ ରକ୍ଷା କରାଯାଇପାରିବ।

ନବୀନ ଓ ପାଣ୍ଡିଆନଙ୍କ ବିଦେଶ ଗସ୍ତ ଖର୍ଚ୍ଚର ତଦନ୍ତ ନିର୍ଦ୍ଦେଶ, ସରକାରଙ୍କ ଆନ୍ତରିକତା ଉପରେ ପ୍ରଶ୍ନ ଉଠାଇଲେ ଆରଟିଆଇ କର୍ମୀ



ଭୁବନେଶ୍ୱର: ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଭିକେ. ପାଣ୍ଡିଆନ୍ ଓ ଆଇପିଏସ୍ ଅଫିସର ରବିକାନ୍ତଙ୍କ ବିଦେଶ ଗସ୍ତ ଖର୍ଚ୍ଚ ସମ୍ପର୍କିତ ଅନିୟମିତତା ଅଭିଯୋଗର ତଦନ୍ତ ପାଇଁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଯେଉଁ ଆରଟିଆଇ ତଥ୍ୟ ଓ ସାମାଜିକ କର୍ମୀମାନଙ୍କ ଅଭିଯୋଗ ଆଧାରରେ ମୁଖ୍ୟମନ୍ତ୍ରୀ ଏହି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦର୍ଶାଇଛି ଏବେ ସେହି ଆରଟିଆଇ କର୍ମୀ ହିଁ ଏହି ତଦନ୍ତ ନିର୍ଦ୍ଦେଶ ଉପରେ ପ୍ରଶ୍ନ ଉଠାଇଛନ୍ତି। ପାଣ୍ଡିଆନଙ୍କ କେଳେଙ୍କାରୀର ତଦନ୍ତ ବାସ୍ତବରେ ମୋହନ ସରକାର କରୁଛନ୍ତି ନା ତଦନ୍ତ ନାଁରେ କେବଳ ଲୋକଙ୍କୁ ବିଭ୍ରାନ୍ତ ପାଇଁ ପ୍ରୟାସ କରୁଛନ୍ତି ବୋଲି ଆରଟିଆଇ କର୍ମୀ ପ୍ରଦୀପ ପ୍ରଧାନ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ପ୍ରେସ୍ ରିଲିଜ୍ ଅନୁସାରେ, ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ପାଣ୍ଡିଆନ ଓ ରବିକାନ୍ତଙ୍କ ବିଦେଶ ଗସ୍ତ ସମ୍ପର୍କିତ ଖର୍ଚ୍ଚର ତଦନ୍ତ କରାଯିବ । ଏହି ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ସାମାଜିକ କର୍ମୀଙ୍କ ଅଭିଯୋଗ ଅନୁଯାୟୀ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ, ଅବସରପ୍ରାପ୍ତ ଆଇଏଏସ୍ ଶ୍ରୀ ପାଣ୍ଡିଆନ୍ ଓ ଆଇପିଏସ୍ ଶ୍ରୀ ରବିକାନ୍ତ ୨୦୨୨-୨୩ ଓ ୨୦୨୩-୨୪ରେ ଅନେକ ଥର ବିଦେଶ ଗସ୍ତ କରିଛନ୍ତି। ବିଭିନ୍ନ ଆରଟିଆଇ ପ୍ରଶ୍ନରୁ ମିଳିଥିବା ତଥ୍ୟ ଅନୁଯାୟୀ ସେମାନଙ୍କ ଜାପାନ ଓ ଇଟାଲୀ ଗସ୍ତର ଖର୍ଚ୍ଚ ବିବରଣୀ ସନ୍ଦେହଜନକ, ଅସ୍ପଷ୍ଟ ଓ ଅସମ୍ପୂର୍ଣ୍ଣ ବୋଲି ସାମାଜିକ କର୍ମୀମାନେ ଅଭିଯୋଗ କରିଛନ୍ତି। ଏହି ଗସ୍ତ ତଥ୍ୟକୁ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଗୁପ୍ତ ରଖାଯାଇଥିବାରୁ ତଥ୍ୟଗୁଡ଼ିକର ତାଳମେଳ ରହୁନାହିଁ ବୋଲି ଅଭିଯୋଗ ହୋଇଥିଲା। ଏହି ସମସ୍ତ ଅଭିଯୋଗକୁ ଦୃଷ୍ଟିରେ ରଖି ଏହାର ତଦନ୍ତ କରାଯାଇ ପ୍ରକୃତ ସତ୍ୟ ପଦାକୁ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ, ମୁଖ୍ୟମନ୍ତ୍ରୀଙ୍କ ଏହି ତଦନ୍ତ ନିର୍ଦ୍ଦେଶ ପରେ ସୂଚନା କର୍ମୀ ପ୍ରଦୀପ ପ୍ରଧାନ ରାଜ୍ୟ ସରକାରଙ୍କ କାର୍ଯ୍ୟଶୈଳୀ ଓ ଆନ୍ତରିକତା ଉପରେ ତୀବ୍ର ପ୍ରଶ୍ନ ଉଠାଇଛନ୍ତି। 'ଓଡ଼ିଶା ରିପୋର୍ଟର'କୁ ପ୍ରତିକ୍ରିୟାରେ ଶ୍ରୀ ପ୍ରଧାନ କହିଛନ୍ତି ଯେ,

(ଅବଶିଷ୍ଟାଂଶ ପୃଷ୍ଠା-୩ରେ)

ରାଜ୍ୟର କଲେଜରେ ଶିକ୍ଷକ ଅଭାବ, ୮୧୨ ଅଧ୍ୟାପକ ପଦ ଖାଲି; ଉଚ୍ଚଶିକ୍ଷାର ଗୁଣବତ୍ତା ନେଇ ଚିନ୍ତା



ଭୁବନେଶ୍ୱର : ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଅଧ୍ୟାପକ ଅଭାବ ଏକ ଗମ୍ଭୀର ସମସ୍ୟା ଭାବେ ସାମ୍ନାକୁ ଆସିଛି। ସରକାରୀ କଲେଜଗୁଡ଼ିକରେ ଶତାଧିକ ଶିକ୍ଷକ ପଦ ଖାଲି ରହିଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଓ ଶିକ୍ଷାର ଗୁଣବ ।କୁ ନେଇ ଚିନ୍ତା ପ୍ରକାଶ ପାଇଛି। ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁସାରେ ରାଜ୍ୟର କଲେଜଗୁଡ଼ିକରେ ୮୧୨ଟି ଅଧ୍ୟାପକ ପଦ ଖାଲି ରହିଛି। ଏହା ସହିତ ୭୮୯ଟି ଅନୁମୋଦିତ ଅଣଶିକ୍ଷକ ପଦ ମଧ୍ୟ ଖାଲି ରହିଛି। ଉଚ୍ଚଶିକ୍ଷା ହେଉଛି ଯୁବପିଢ଼ିଙ୍କ ଭବିଷ୍ୟତ ଗଠନର ମୁଖ୍ୟ ଆଧାର। କଲେଜରେ ଆବଶ୍ୟକ ଅଧ୍ୟାପକ ନଥିଲେ ନିୟମିତ କ୍ଲାସ୍, ପାଠ୍ୟକ୍ରମ ସମାପ୍ତି, ପରୀକ୍ଷା ପ୍ରସ୍ତୁତି ଓ ଗବେଷଣା କାର୍ଯ୍ୟ ପ୍ରଭାବିତ ହୋଇପାରେ। ବିଶେଷକରି ଗ୍ରାମାଞ୍ଚଳ ଓ ଦୂରଦୂରାନ୍ତର କଲେଜରେ ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଥିବା ଆଶଙ୍କା ରହିଛି। ଅଧ୍ୟାପକ ନିଯୁକ୍ତି ସହିତ ଅଣଶିକ୍ଷକ କର୍ମଚାରୀଙ୍କ ଅଭାବ ମଧ୍ୟ କଲେଜର ପ୍ରଶାସନିକ କାର୍ଯ୍ୟକୁ ପ୍ରଭାବିତ କରିପାରେ। ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟ୍, ଲାଇବ୍ରେରୀ, ଲାବରେଟୋରୀ, କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସେବାରେ ବିଳମ୍ବ ହେବାର ସମ୍ଭାବନା ରହିଛି। ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ଖାଲି ପଦଗୁଡ଼ିକୁ ସମୟସୀମା ମଧ୍ୟରେ ପୂରଣ କରିବା, ଯୋଗ୍ୟ ଶିକ୍ଷକ ନିଯୁକ୍ତି, ଆଧୁନିକ ପାଠ୍ୟପ୍ରଣାଳୀ ଓ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷା ସୁବିଧା ଦେବା ଆବଶ୍ୟକ। ଶିକ୍ଷା କ୍ଷେତ୍ରରେ ନିବେଶ କେବଳ ଆଜିର ଆବଶ୍ୟକତା ନୁହେଁ; ଏହା ଆଗାମୀ ପିଢ଼ିର ଭବିଷ୍ୟତ ପାଇଁ ଏକ ଦୀର୍ଘକାଳୀନ ନିବେଶ।

ପିଛା ଛାଡୁନି ବର୍ଷା...୩୦ରେ ଆଉ ଏକ ଲଘୁଚାପ ସମ୍ଭାବନା, ୧୯୮୭ ପରି ସ୍ଥିତି ରିପିଟ୍ ହେବ କି ?



ଭୁବନେଶ୍ୱର,୨୨/୧୧; ବର୍ଷା ଦିନ ସରିଲାଣି କିନ୍ତୁ ବର୍ଷା ବିପତ୍ତି ଟଳୁନି । ଲଗାତାର ୩ଟି ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷିଲା । ଅର୍ଣ୍ଣବ, ମୁରାସୁ ପରେ ଅକଭାନ୍ ବର୍ଷା-ବନ୍ୟା ବିପତ୍ତି ଆଣିଲା । ଚାଷୀର ଫସଲ ଉଜୁଡ଼ିଲା ତଥାପି ବର୍ଷାର ମନ ଶାନ୍ତି ହୋଇନାହିଁ । ଲଘୁଚାପ ପିଛା ଛାଡୁନି । ପୁଣି ଏକ ଲଘୁଚାପ ସମ୍ଭାବନା । ଆସନ୍ତା ୩୦ ତାରିଖ ବେଳକୁ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗର ନିକଟରେ ଏହି ଲଘୁଚାପ ସୃଷ୍ଟି ହୋଇପାରେ । ଲଗାତାର ୩ଟି ବାତ୍ୟା ଆନ୍ଧ୍ର-ଓଡ଼ିଶା ଉପକୂଳ ଆଡ଼କୁ ମୁହାଁଇବା ପରେ ପୁଣି ଏକ ଲଘୁଚାପ ସମ୍ଭାବନାକୁ ନେଇ ଚିନ୍ତା ବଢ଼ିଛି । ଭାରତୀୟ ପାଣିପାଗ ବିଜ୍ଞାନ (ଆଇଏମଡି)ର ବିସ୍ତାରିତ ପୂର୍ବାନୁମାନରେ ମଧ୍ୟ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ନେଇ ଆକଳନ କରାଯାଇଛି । ମାତ୍ର ଏହାର ତୀବ୍ରତା, ଗତିପଥ ଓ ପ୍ରଭାବ ନେଇ କୌଣସି ପୂର୍ବାନୁମାନ କରିନାହିଁ ଆଇଏମଡି । କେତେକ ମଡେଲ୍ ଅନୁସାରେ ସମ୍ଭାବ୍ୟ ଲଘୁଚାପ ଶ୍ରୀଲଙ୍କା ଆଡ଼କୁ ଯାଇପାରେ । ଆଉ ଏକ ମଡେଲ୍ ପୂର୍ବାନୁମାନ ଅନୁସାରେ ଏହା ଘନୀଭୂତ ହୋଇପାରେ । କିନ୍ତୁ, ଏବେ ଠାରୁ ସ୍ପଷ୍ଟ ଆକଳନ କରିବା ସହଜ ନୁହେଁ। ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ (ଆଇଏମଡି) ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ସାଧାରଣତଃ ବର୍ଷର ଦୁଇଟି ସମୟରେ ବାତ୍ୟା ଆସିଥାଏ ।ଅନ୍ୟପଟେ ଆଜି ରାଜଧାନୀରେ ଘନ କୁହୁଡ଼ି ଦେଖିବାକୁ ମିଳିଛି । ଭୁବନେଶ୍ୱର କଟକ ସମେତ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି। ଘନ କୁହୁଡ଼ି ଯୋଗୁଁ କମ୍ ଦୃଶ୍ୟମାନ, ଗମନାଗମନ ବାଧାପ୍ରାପ୍ତ ହୋଇଛି। ୩ ଦିନ ପେର ଶୀତ ବଢ଼ିବ ବୋଲି ଆକଳନ କରାଯାଇଛି ।

(ଅବଶିଷ୍ଟାଂଶ ପୃଷ୍ଠା-୩ରେ)

କାଶ୍ମୀରରେ ପୁଣି ପାକିସ୍ତାନୀ ଆତଙ୍କୀଙ୍କ ଅନୁପ୍ରବେଶ !

ଜୈଶର ୩ରୁ ୪ ଆତଙ୍କୀ ଭାରତରେ ପଶିଥିବା ସୂଚନା



ନୂଆଦିଲ୍ଲୀ,୨୧/୧୧: ଜମ୍ମୁ-କାଶ୍ମୀରରେ ପୁଣି ଆତଙ୍କବାଦୀଙ୍କ ଅନୁପ୍ରବେଶ ନେଇ ଚିନ୍ତା ବଢ଼ିଛି । ପାକିସ୍ତାନ ପଟୁ ଜୈଶ-ଏ-ମହମ୍ମଦ ସଂଗଠନର ୩ରୁ ୪ ଜଣ ଆତଙ୍କବାଦୀ ଭାରତୀୟ ସୀମା ଭିତରକୁ ପଶିଥିବା ନେଇ ଗୁଇନ୍ଦା ସୂଚନା ମିଳିଛି । ନଭେମ୍ବର ୧୧ ତାରିଖରେ କୁଲଗାମରେ ସିଆରପିଏଫ୍ ଚେକପୋଷ୍ଟ ଉପରେ ହୋଇଥିବା ଆକ୍ରମଣର ସୁଯୋଗ ନେଇ ଏହି ଅନୁପ୍ରବେଶ ହୋଇଥିବା ଆଶଙ୍କା କରାଯାଉଛି । ଏହି ଖବର ପରେ ସୁରକ୍ଷା ଏଜେନ୍ସିଗୁଡ଼ିକୁ ସତର୍କ କରାଯାଇଛି । ନବଭାରତ ଟାଇମ୍ସର ରିପୋର୍ଟ ଅନୁସାରେ, ସୁରକ୍ଷା ଏଜେନ୍ସିର ସୂତ୍ରରୁ ଜଣାପଡ଼ିଛି ଯେ ନଭେମ୍ବର ୧୧ରୁ ୧୩ ତାରିଖ (ଅବଶିଷ୍ଟାଂଶ ପୃଷ୍ଠା-୩ରେ)



କୋଶଳ ସମ୍ବାଦ

ରବିବାର ୨୨ ନଭେମ୍ବର ୨୦୨୬



କଦମପଡ଼ା ଶିଶୁ ମନ୍ଦିରରେ ଜେଜେମାଆ ଓ ଜେଜେ ବାପା ସମ୍ମିଳନୀ ଅନୁଷ୍ଠିତ

ବଲାଙ୍ଗୀର : ଆଜି ବଲାଙ୍ଗୀରସ୍ଥ କଦମପଡାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜେଜେମାଆ ଓ ଜେଜେ ବାପା ସମ୍ମିଳନୀ ବିଦ୍ୟାଳୟର ସଭାପତି ଡ.ଭବାନୀ ଶଙ୍କର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ରାମଚନ୍ଦ୍ର ପଟେଲ ଯୋଗ ଦେଇଥିଲେ। ସମବେତ ସଙ୍ଗୀତ ଛାତ୍ରୀ ଅରୋହି ଜାଲ, ଅନ୍ୱେଷା ମେର୍ଲୀ, ସୁନୀତା ସେଠ, ଆଲିଶା ବାଗ୍, ଯୋଗେଶ୍ୱରୀ ନେଗି, ରୋହିପ୍ରଜ୍ଞା ନାଏକ, ଶ୍ରୀୟାଂଶି ସାଏ ଆଦି ଗାନ କରିଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସନାତନ ମିଶ୍ର ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଜେଜେ ବାପାଙ୍କ ମଧ୍ୟରେ ୬୦ ଜଣ ଓ ଜେଜେମାଆ ୫୫ ଜଣ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଲେ ଯେ ଯୌଥ ପରିବାରର ପୁରୋଧା ଜେଜେ ମାଆ ଓ ଜେଜେ ବାପା ହିଁ ଆଗାମୀ ପିଢିକୁ ସୁନ୍ଦର କରି ଶିଶୁକୁ ପିଲା ବେଳୁରୁ ହିଁ ଗଢି ଥାଆନ୍ତି। ସଂଯୋଜନା ଗୁରୁମା ବିଦ୍ୟୁତ ରେଖା କର କରି ଥିଲେ। ମଂଚାସୀନ ଅନ୍ୟତମ ଅତିଥି ଭାବେ ଉପ ସଭାପତି ରବୀନ୍ଦ୍ର ପଣ୍ଡା ଓ ସଂପାଦକ ତରଣୀସେନ ପଟେଲ, ଉପସ୍ଥିତ ଥିଲେ। ଅନେକ ବୟୋଜ୍ୟେଷ୍ଠ ଅତିଥି ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ସଂପାଦକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହିପରି ଗୁରୁଜୀ ଜଗତ ବିହାରୀ ପଟେଲଙ୍କ ସଂଚାଳନରେ କାର୍ଯ୍ୟକ୍ରମଟି ସଫଳତା ସହ ସମ୍ପୁର୍ଣ୍ଣ ହୋଇଥିଲା।

କୁଞ୍ଜକାନ୍ତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ କାର୍ତ୍ତିକ ପର୍ବ ପାଳନ



ଢେଙ୍କାନାଳ, ୨୧/୧୧: ଢେଙ୍କାନାଳ ସହର କୁଞ୍ଜକାନ୍ତ ପୋଖରୀ କୂଳରେ ଥିବା ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଅଂଚଳର ପ୍ରାୟ ପ୍ରାୟ ୪୦ଜଣ ମହିଳା କାର୍ତିକ ମସାର ପର୍ବ ବା ପଂଚୁକ ପର୍ବକୁ ବହୁ ଆଡମ୍ବର ସହିତ ପାଳନ କରୁଛନ୍ତି। ଏହା ପ୍ରାୟ ୪୦ରୁ ୫୦ ବର୍ଷ ଧରି ପାଳନ ହେଉଅଛି । ମାସକ ମଧ୍ୟରୁ ୨୬ଦିନ ରାଇ ଦାମୋଦର ପୂଜା ହୋଇଥିବା ବେଳେ ଶେଷ ୪ଦିନ ବା ପଂଚୁକରେ ଲକ୍ଷ୍ମୀନାରାଣ ପୂଜା ହୋଇଥାଏ । ଏହି ବର୍ଷ ୪ ଦିନ ପଂଚୁକ ପଡୁଥିବାରୁ ବଗବଗୁଲିଙ୍କୁ ପୂଜା କରାଯାଇଥାଏ । ୨୬ଦିନ କପୋତକପୋତିଙ୍କୁ ନିର୍ମାଲ୍ୟ ଦେଇ ଉଡାଇ ଦିଆଯାଇଥାଏ ଓ ବଗବଗୁଲିଙ୍କୁ ୪ଦିନ ପୂଜା କରି ଫଳ ଓ ଭୋଗ ଦେଇ ଉଡାଇ ଦିଆଯାଏ। ଏହି ପୂଜାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ । ଶରୀର ସବୁ ରୋଗ ଯନ୍ତ୍ରଣାକୁ ଭୁଲି ମହିଳାମାନେ ଏହି ବ୍ରତ ପାଳନ କରିଥାନ୍ତି ଏବଂ ମାସସାରା ସଂଧ୍ୟାରେ ବୃନ୍ଦାବତୀଙ୍କ ପାଖରେ ଆକାଶଦୀପ ଉଠାଇଥାନ୍ତି। ଢେଙ୍କାନାଳ ଜିଲ୍ଲା ତଥା ରାଜ୍ୟବାସୀଙ୍କ ଆରୋଗ୍ୟ ଓ ସମୃଦ୍ଧି କାମନା କରିବା ସହିତ ପୂଜାକୁ ପାଳନ କରିଥାନ୍ତି । ଏଥୁରେ ସ୍ୱିଶ୍ୱାରାଣୀ ନନ୍ଦଙ୍କ ସମେତ ବହୁ ମହିଳାମାନଙ୍କ ଉପସ୍ଥିତ ରହି ପୂଜା ପାଳନକୁ ସଫଳ କରିଥାନ୍ତି ।

ଢେଙ୍କାନାଳ ସିଦ୍ଧ ବଳରାମଜୀଉ ମନ୍ଦିରରେ ହରି ଉତ୍ଥାପନ ବଡ଼ ଏକାଦଶୀ ନୀତି ପାଳିତ

ଢେଙ୍କାନାଳ: ପବିତ୍ର କାର୍ତ୍ତିକ ମାସ ଅବସରରେ ଢେଙ୍କାନାଳ କୈବଲ୍ୟ ବଜାରସ୍ଥିତ ଶ୍ରୀଶ୍ରୀ ସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ହରି ଉତ୍ଥାପନ ବଡ଼ ଏକାଦଶୀ ନୀତି ଶ୍ରଦ୍ଧା ଓ ଭକ୍ତିପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରାତଃକାଳରୁ ମହାପ୍ରଭୁଙ୍କ ମଙ୍ଗଳ ଆଳତି, ସ୍ନାନ, ବସ୍ତ୍ର ଲାଗି, ତୁଳସୀ ହାର ଓ ପୁଷ୍ପ ହାର ଲାଗି ଆଦି ସ୍ୱତନ୍ତ୍ର ନୀତିକାନ୍ତି ସମ୍ପନ୍ନ ହୋଇଥିଲା । ପରେ ବଲ୍ଲଭ ଭୋଗ ଲାଗି କରାଯାଇଥିବା ବେଳେ ପୂର୍ବାହ୍ନ ୧୦ଟା ସମୟରେ ମହାପ୍ରଭୁଙ୍କ ନିକଟରେ ଖେଚେଡ଼ି ଭୋଗ ଅର୍ପଣ କରାଯାଇଥିଲା । ସେହିପରି ମଧ୍ୟାହ୍ନରେ ଅନ୍ନ ଧୂପ, ସନ୍ଧ୍ୟାରେ ଆଳତି ଏବଂ ରାତ୍ରି ଧୂପ ପରେ ଏକାଦଶୀ ବେଢ଼ା ପରିକ୍ରମା ସହ ମନ୍ଦିର ଶିଖରକୁ ମହାଦୀପ ଉଠିବାର ବିଧି ରହିଛି । ପରେ



ପହଡ ପଡ଼ିବ। ଏହି ଧାର୍ମିକ କାର୍ଯ୍ୟକ୍ରମରେ ପୂଜକ ମନସୁମନ ମିଶ୍ର, ପୂଜକ ଶ୍ରୀବତ୍ସ ମିଶ୍ର, ମଳୟ କର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଏବଂ ମନ୍ଦିର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଥିଲା । ମହାପ୍ରଭୁ ଶ୍ରୀ ସିଦ୍ଧ ବଳରାମଜୀଉଙ୍କ ଦର୍ଶନ ପାଇଁ ମନ୍ଦିରରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ଭକ୍ତିମୟ ପରିବେଶ ମଧ୍ୟରେ ହରି ଉତ୍ଥାପନ ବଡ଼ ଏକାଦଶୀ ନୀତି ସମ୍ପନ୍ନ ହୋଇଥିଲା ।

ପରମାଣପୁର ହାଇସ୍କୁଲ ଶିକ୍ଷୟତ୍ରୀଙ୍କ ପରଲୋକ

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ଚକ୍ରଧର ବିର୍ଦ୍ଧିଆ ସରକାରୀ ହାଇସ୍କୁଲ ବିଜ୍ଞାନ ଶିକ୍ଷୟିତ୍ରୀ ସୁନୀତା ସେଟ(୩୧)ଙ୍କ ଚିକିତ୍ସାଧିନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନା ରେ ଶୁକ୍ରବାର ରାତିରେ ଅକାଳ ବିୟୋଗ ହୋଇଯାଇଛି । ସେ ଜଣେ ଛାତ୍ରବତ୍ସଳା, କର୍ତ୍ତବ୍ୟନିଷ୍ଠା ଏବଂ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ବିଦ୍ୟାଳୟ ତଥା ଅଂଚଳରେ ବେଶ୍ ପରିଚିତ ଥିଲେ। ତାଙ୍କର ପୈତୃକ ଘର କୋଲାବିରା ବ୍ଲକ ଅଧିନସ୍ଥ ଲୁଡୁଙ୍ଗ ଗ୍ରାମରେ ଓ ତାଙ୍କର ଶ୍ୱଶୁର ଘର ବରଗଡ଼ ଜିଲ୍ଲା ବିଶିପଡ଼ା ରେ ଅଟେ । ତାଙ୍କର ସ୍ୱାମୀ କ୍ଷୀରୋଦ୍ର ପାଣ୍ଡେ ଲଖନପୁର କୋର୍ଟ ରେ କିରାଣୀ ଅଛନ୍ତି । ପ୍ରାୟ ଏକ ବର୍ଷ ପୂର୍ବେ ତାଙ୍କର ବିବାହ ହୋଇଥିଲା । ଶିକ୍ଷୟତ୍ରୀଙ୍କ ଅକାଳ ବିୟୋଗରେ ପରମାଣପୁର, ଲୁଡୁଙ୍ଗ ଓ ବିଶିପଡ଼ା ଅଂଚଳରେ ଗଭୀର ଶୋକ ପ୍ରକାଶ ପାଇଛି । ବିଜ୍ଞାନ ଶିକ୍ଷାଦାନ କ୍ଷେତ୍ରରେ ତାଙ୍କର ଅବଦାନ ଏବଂ ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ସ୍ନେହ ସର୍ବଦା ସ୍ମରଣୀୟ ହୋଇ ରହିବ। ତାଙ୍କର ଅକାଳ ବିୟୋଗରେ ବିଦ୍ୟାଳୟ ପରିବାର, ଛାତ୍ରଛାତ୍ରୀ ଏବଂ ଅଭିଭାବକ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି। ଏନେଇ ଶନିବାର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମୁକେଶ ଖମାରୀଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇ ତାଙ୍କର ଅମର ଆତ୍ମାର ସଦ୍ଗତି କାମନା କରାଯିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରାଯାଇଛି । ଶିକ୍ଷୟତ୍ରୀଙ୍କ ବିୟୋଗରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ରାଧାକାନ୍ତ ଗଡତିଆ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ ଓ ଶକୁନ୍ତଳା କିସାନ, କୋଲାବିରା ବିଇଓ ପ୍ରକାଶ ସାହୁ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ନିରୋଜ ପଟେଲ ପ୍ରମୁଖଙ୍କ ସହ ବହୁ ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ ଗଭୀର ଶୋକ ପ୍ରକାଶ କରିଛନ୍ତି।

ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଦ୍ୱାରା ୮୩ଟି ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଘୋଷିତ

ସୁବର୍ଣପୁର : ସୁର୍ଣ୍ଣପୁର ଜିଲ୍ଲାର ୧୦୭ ଗ୍ରାମ ପଂଚାୟତର ଅଧିନସ୍ଥ ୯୬୩ଟି ଗ୍ରାମରୁ ୮୩ଟି ରାଜସ୍ୱ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ସୁର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଦ୍ୱାରା ଗତକାଲି ଘୋଷଣା କରାଯାଇଛି । ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରୁଚିକା ସମାଜ ମଙ୍ଗଳ ସଂଗଠନ ଓ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର ମିଳିତ ଆନୁକୁଲ୍ୟରେ ଆୟୋଜିତ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ୮୩ଟି ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଘୋଷଣା କରି ସୁର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀ ଦେବାଶିଷ ସିଂହ କହିଲେ ଯେ ରୁଚିକା ଭଳି ସାମାଜିକ ଅନୁଷ୍ଠାନ ଓ ସୁର୍ଣ୍ଣପୁର ଜିଲ୍ଲା ପ୍ରଶାସନର ସମସ୍ତ କର୍ମୀ ଅକ୍ଲାନ୍ତ ପରିଶ୍ରମ କରି ଏହି ଐତିହାସିକ ସଫଳତା ହାସଲ କରିଛନ୍ତି ।ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ନିତି ନିର୍ଦ୍ଦେଶ ଅନୁଯାୟୀ ଏହି ଗ୍ରାମଗୁଡ଼ିକରେ ୬ରୁ ୧୪ ବର୍ଷର ସମସ୍ତ ଶିଶୁ ସ୍କୁଲକୁ ଯାଉଛନ୍ତି, ୧୧ରୁ ୧୯ ବର୍ଷର ସମସ୍ତ କିଶୋର କିଶୋରୀ ଅଙ୍ଗନୱାଡିର ଅଦ୍ୱିକା କାର୍ଯ୍ୟକ୍ରମରେ ପଞ୍ଜୀକୃତ ହୋଇଥିବା ବେଳେ ଗତ ତା ୦୧.୦୧.୨୦୨୫ ରିଖ ଠାରୁ ଆଜି ପର୍ଯ୍ୟନ୍ତ କୌଣସି ବାଲ୍ୟ ବିବାହ ହୋଇନାହିଁ। ତେଣୁ ଭାରତ ସରକାରଙ୍କ ନିର୍ଦ୍ଦେଶ ନାମା ଅନୁସାରେ ଗତ ଅକ୍ଟୋବର ୦୨ ତାରିଖରେ ଅନୁଷ୍ଠିତ ଗ୍ରାମ ସଭାଗୁଡିକରେ ବିଧିବଦ୍ଧ ଭାବେ ରିଜୋଲୁସନ୍ କରାଯାଇ ଏହି ଘୋଷଣା କରାଯାଇଛି । ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରାଜେନ୍ଦ୍ର ମାଝୀ କହିଲେ ବିଶ୍ୱକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ହେଲେ ସମାଜର ସମସ୍ତ ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସରକାରଙ୍କର ଭାଗିଦାରିତା ଆବଶ୍ୟକ । କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀମତୀ କନ୍ୟା କୁମାରୀ ସାହୁ ଶ୍ରମ ବିଭାଗର ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିବା ସହ ବାଲ୍ୟ ବିବାହ ଭଳି ସାମାଜିକ ଅପରାଧରୁ ନିବୃତ ରହିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଶ୍ରୀମତୀ ବୀଣାପାଣି ମିଶ୍ର ଯୋଗଦେଇ କହିଥିଲେ ରୁଢ଼ିବାଦୀ ସମାଜ ରେ କନ୍ୟା ରତ୍ନମାନଙ୍କୁ ଏକ ଶୃଙ୍ଖଳା ମଧ୍ୟରେ ବନ୍ଦୀ କରି ସେମାନଙ୍କ ଶିକ୍ଷା ଓ ଅଧିକାରକୁ ସେମାନଙ୍କଠାରୁ ଏହା ଦ୍ୱାରା ବଳ ପୂର୍ବକ ଛଡ଼ାଇ ନିଆଯାଉଛି ।

କଇଁଛ ଚୋରା ଚାଲାଣ କାରିଙ୍କ ଉପରେ ମାଡି ବସିଲା କାଲିମେଳା ବନ ବିଭାଗ, ୧ ବୋଲେରୋ ଜବତ





ମାଲକାନଗିରି (କୌଶଳ ସମ୍ବାଦ) କାଲିମେଳା ବନ ବିଭାଗ ପେଟ୍ରୋଲିଂ ବେଳେ ୩୯୦ ଟି ଜୀବନ୍ତ କଇଁଛ ଉଦ୍ଧାର କରିଛି। ଏହାର ଓଜନ ୩୭୬ କେଜି ବୋଲି ଜଣାପଡିଛି।ଏହି ଚଢାଉ ସମୟରେ ଏକ ବୋଲେରୋ ଗାଡ଼ି ଜବତ ହୋଇଛି। ଆନ୍ଧ୍ରପ୍ରଦେଶରୁ ଓଡ଼ିଶାକୁ ଚାଲିଥିଲା କଇଁଛ ଚୋରା ଚାଲାଣ। ମୋଟୁ ଅଞ୍ଚଳର ବୋର୍ଡରପାର ହୋଇ ଓଡିଶା ରେ ବିକ୍ରି ପାଇଁ ନେଇ ଆସୁଥିବା ଆଗୁଆ ଖବର ପାଇ କାଲିମେଳା ବନାଞ୍ଚଳ ଅଧିକାରୀ ରେଞ୍ଜର ବିଜୟ କୁମାର ନାୟକ, ଫରେଷ୍ଟର ଦେବାଶିଷ ପ୍ରଧାନ, ଫରେଷ୍ଟ ଗାର୍ଡ ନରସିଂ ସାନ୍ତା ପେଟ୍ରୋଲିଂ ସମୟରେ ଏମ.ପି.ଭି-୭୪ ନାଲାଗୁଣ୍ଡି ଡେଲରାଇ ନିକଟରେ କଇଁଛ ବୋଝାଇ ବୋଲେରୋ ଗାଡ଼ିକୁ ମାଡି ବସିଥିଲେ। ଘଟଣା ସ୍ଥଳ ରୁ ଆସାମୀ ଫେରାର ହୋଇଥିବା ବେଳେ ଉଦ୍ଧାର କଇଁଛ ଗୁଡିକ ର ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜଳ ଭଣ୍ଡାର ରେ ଛଡା ଯିବ ବୋଲି ଏ.ସି.ଏଫ ପ୍ରିୟଙ୍କା ମୋହୂକା ସୂଚନା ଦେଇଛନ୍ତି। ତଦନ୍ତ ପରେ ଅଧିକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସିଏଫ ସୂଚନା ଦେଇଛନ୍ତି।

ଗେଙ୍ଗୁଟିଆ ଗ୍ରାମରେ ପଞ୍ଚୁକ ଅବସରରେ ଶରତ ରାସ ଯାତ୍ରା, ଚଉଦଟି ପୂଜା ମଣ୍ଡପରେ ଦେବଦେବୀଙ୍କ ଆରାଧନା



ଢେଙ୍କାନାଳ: ଢେଙ୍କାନାଳ ସଦର ବ୍ଲକ୍ ଅନ୍ତର୍ଗତ ଗେଙ୍ଗୁଟିଆ ଗ୍ରାମରେ ପଞ୍ଚୁକ ଅବସରରେ ଆରମ୍ଭ ହୋଇଛି ପାଞ୍ଚଦିନିଆ ପାରମ୍ପରିକ ଶରତ ରାସ ଯାତ୍ରା। ଭକ୍ତି ଓ ଆଧ୍ୟାତ୍ମିକତାର ମାହୋଲରେ ଉତ୍ସବମୁଖର ହୋଇଉଠିଛି ସାରା ଗ୍ରାମ। କାହିଁ କେଉଁ କାଳରୁ ଗେଙ୍ଗୁଟିଆ ଗ୍ରାମରେ ଏହି ଶରତ ରାସ ଯାତ୍ରା ପାଳିତ ହୋଇଆସୁଛି। ଗ୍ରାମର ସ୍ୱର୍ଗତ ଚୈତନ୍ୟ ସାହାଣୀ ପ୍ରଥମେ ଶ୍ରୀରାଧାକୃଷ୍ଣଙ୍କ ଯୁଗଳ ଫଟୋ ପୂଜା କରି ଏହି ରାସ ଯାତ୍ରାର ଶୁଭାରମ୍ଭ କରିଥିଲେ। ସମୟକ୍ରମେ ଏହି ପରମ୍ପରା ଗ୍ରାମର ପ୍ରତ୍ୟେକ ସାହିକୁ ବ୍ୟାପି ଯାଇଥିଲା। ଚଳିତ ବର୍ଷ ଗ୍ରାମର ଚଉଦଟି ପୂଜା ମଣ୍ଡପରେ ଶ୍ରୀରାଧାକୃଷ୍ଣ, ଶ୍ରୀରାମ, କାର୍ତ୍ତିକେଶ୍ୱର, ବ୍ରହ୍ମା-ବିଷ୍ଣୁ-ମହେଶ୍ୱର, ହରଗୌରୀ, ଲକ୍ଷ୍ମୀନାରାୟଣଙ୍କ ଅନନ୍ତ ଶୟନ, ଶିବ-ପାର୍ବତୀ ଓ ଗଣେଶ-କାର୍ତ୍ତିକଙ୍କ ସମେତ ବିଭିନ୍ନ ଦେବଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି। ପ୍ରତ୍ୟେକ ପୂଜା ମଣ୍ଡପରେ ବ୍ରାହ୍ମଣଙ୍କ ଦ୍ୱାରା ଦୈନିକ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଉଛି। ସନ୍ଧ୍ୟା ହେଲେ ରଙ୍ଗବେରଙ୍ଗ ଆଲୋକମାଳା ଓ ଆକର୍ଷଣୀୟ ସାଜସଜ୍ଜାରେ ଝଲସି ଉଠୁଛି ସମଗ୍ର ଗ୍ରାମ। ମୀନାବଜାର, ଫାଷ୍ଟଫୁଡ୍ ଷ୍ଟଲ୍ ଓ ମିକି ମାଉସ୍ ଦୋଳିର ମଜା ଉଠାଉଛନ୍ତି ଛୋଟରୁ ବଡ଼ ସମସ୍ତେ। ଏହି ଅବସରରେ ଘରେ ଘରେ ବନ୍ଧୁବାନ୍ଧବଙ୍କ ମିଳନ ସାଙ୍ଗକୁ ଆଖପାଖ ଗ୍ରାମରୁ ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ଭିଡ଼ ଜମୁଛି। ଗ୍ରାମର ଅବାଳବୃଦ୍ଧବନିତା ସମସ୍ତେ ଏହି ଉତ୍ସବର ଆନନ୍ଦ ଉଠାଉଥିବା ବେଳେ ଭକ୍ତି, ପରମ୍ପରା ଓ ଭାଇଚାରାର ନିଆରା ଉଦାହରଣ ପାଲଟିଛି ଗେଙ୍ଗୁଟିଆ ଗ୍ରାମର ଏହି ଶରତ ରାସ ଯାତ୍ରା।

ଏନ୍ଏଚ୍-୪୯ରେ ମୃତ୍ୟୁର ତାଣ୍ଡବ: ବର୍ଷକରେ ୧୩୩ ଜଣଙ୍କ ଜୀବନହାନି ଅଭିଯୋଗ

ସୁରକ୍ଷା ପାଇଁ ଏସ୍ପିଙ୍କ ଦ୍ୱାରସ୍ଥ ହେଲେ ସମାଜସେବୀ

ଝାରସୁଗୁଡ଼ା : ଝାରସୁଗୁଡ଼ାରୁ କନକତୋରା ପର୍ଯ୍ୟନ୍ତ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ଏବେ ଦୁର୍ଘଟଣାପ୍ରବଣ ମରଣଯନ୍ତା ପାଲଟିଛି। ଦିନକୁ ଦିନ ବଢୁଥିବା ସଡ଼କ ଦୁର୍ଘଟଣା ଓ ମୃତ୍ୟୁସଂଖ୍ୟାକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ଅଂଚଳବାସୀ। ଗତ ଏକ ବର୍ଷ ମଧ୍ୟରେ ଏହି ରାଜପଥରେ ଦୁର୍ଘଟଣା ଯୋଗୁଁ ପ୍ରାୟ ୧୩୩ ଜଣଙ୍କ ଜୀବନ ଯାଇଥିବା ଅଭିଯୋଗ କରି ରାସ୍ତା ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଏସ୍ପିଙ୍କ ନିକଟରେ ଦାବି ଜଣାଇଛନ୍ତି ଏକ ପ୍ରତିନିଧି ମଣ୍ଡଳୀ।

ଏହି ମର୍ମରେ ଶନିବାର ସମାଜସେବୀ ବିରଂଚି ସାହୁ, ଗୋପୀନାଥ ମାଝି, ମୁରଲୀ ପ୍ରଧାନ ଓ ରାମପ୍ରସାଦ ସାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ନବନିଯୁକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୋନାଲି ସିଂ ପରମାରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଦର୍ଶାଯାଇଛି ଯେ, ଝାରସୁଗୁଡ଼ା-କନକତୋରା ଏନ୍ଏଚ୍-୪୯ ଏକ ବ୍ୟସ୍ତବହୁଳ ଜାତୀୟ ରାଜପଥ ହୋଇଥିବାରୁ ଏହା ଉପରେ ଦିନରାତି ହଜାର ହଜାର ଭାରୀଯାନ ଚଳାଚଳ କରୁଛି । ଅନ୍ୟପକ୍ଷରେ ଓଭରଲୋଡ୍ ଯାନବାହନର ଚଳାଚଳ, ଦ୍ରୁତଗତି, ବେପରୁଆ ଗାଡ଼ି ଚାଳନା ଏବଂ ରାସ୍ତାକଡ଼ରେ ଟ୍ରକ୍ ଓ ଟ୍ରେଲରଗୁଡ଼ିକର ବେଆଇନ ପାର୍କିଂ ଯୋଗୁଁ ନିୟମିତ ଦୁର୍ଘଟଣା ଘଟୁଛି। ଏଥିସହ ହିଟ୍ ଆଣ୍ଡ ରନ୍ ଘଟଣା ମଧ୍ୟ ବୃଦ୍ଧି ପାଉଛି। ଏହି ଦୁର୍ଘଟଣାରେ ବହୁ ଲୋକଙ୍କ ମୃତ୍ୟୁ ହେବା ସହ ଅନେକ ଗୁରୁତର ଆହତ ହେଉଛନ୍ତି।

ସାଧାରଣ ଯାତ୍ରୀଙ୍କ ଜୀବନ ସୁରକ୍ଷା ଓ ଦୁର୍ଘଟଣା ରୋକିବା ପାଇଁ ପ୍ରତିନିଧି ମଣ୍ଡଳୀ ଚାରି ଦଫା ଦାବି ଉପସ୍ଥାପନ କରିଛନ୍ତି। ସେଗୁଡ଼ିକ ହେଲା, ଓଭରଲୋଡ୍ ଓ ଦ୍ରୁତଗତିରେ ଯାଉଥିବା ଭାରୀଯାନଗୁଡ଼ିକ ଉପରେ କଡ଼ା ଯାଂଚ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ, ଜାତୀୟ ରାଜପଥ କଡ଼ରେ ବେଆଇନ ଟ୍ରକ୍ ଓ ଟ୍ରେଲର ପାର୍କିଂ ଉଚ୍ଛେଦ, ବିଶେଷକରି ରାତି ସମୟରେ ନିୟମିତ ପୋଲିସ ପାଟ୍ରୋଲିଂ ସହ ଦୁର୍ଘଟଣାପ୍ରବଣ ସ୍ଥାନରେ ସ୍ପିଡ୍ ବ୍ରେକର୍ ଓ ସତର୍କତା ସୂଚନା ଫଳକ ସ୍ଥାପନ ଏବଂ ଦୁର୍ଘଟଣା ଘଟାଇ ଫେରାର ହେଉଥିବା ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ। ଏହି ଦାବିପତ୍ରର ନକଲ ଜିଲ୍ଲାପାଳ, ଏସ୍ପିଓ, ଲଖନପୁର ଥାନା ଅଧିକାରୀ ଏବଂ ଏନ୍ଏଚ୍ଏଆଇର ଝାରସୁଗୁଡ଼ା ଡିଭିଜନକୁ ମଧ୍ୟ ପ୍ରଦାନ କରାଯାଇଛି। ଏସ୍ପି ସୋନାଲି ସିଂ ପରମାର ଦାବିପତ୍ର ଗ୍ରହଣ କରିବା ସହ ଏହି ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।



କୋଶଳ ସମାଜ
ରବିବାର ୨୨ ନଭେମ୍ବର ୨୦୨୬



ତାମିଲନାଡୁରେ ଓଡ଼ିଆ ଯୁବକଙ୍କ ଅକାଳ ମୃତ୍ୟୁ, ମୃତଦେହ ଫେରାଇ ଆଣିବାକୁ ପରିବାରର ଆକୁଳ ନିବେଦନ

ସବଡେଗା(ରିପୋର୍ଟ: କୁମାର ସାହୁ): ରୋଜଗାର ଆଶାରେ ଘର ଛାଡ଼ି ପରଦେଶକୁ ଯାଇଥିଲେ। ପରିବାରର ଆର୍ଥିକ ସ୍ଥିତି ସୁଧାରିବା ସହ ନିଜର ଭବିଷ୍ୟତ ଗଢ଼ିବାର ସ୍ୱପ୍ନ ଦେଖିଥିଲେ। ହେଲେ ସେହି ସ୍ୱପ୍ନ ଅଧାରେ ରହିଗଲା। ତାମିଲନାଡୁରେ ଜଣେ ୨୬ ବର୍ଷୀୟ ଓଡ଼ିଆ ଯୁବକଙ୍କ ଅକାଳ ମୃତ୍ୟୁ ଘଟିଥିବା ଖବର ତାଙ୍କ ପରିବାର ଉପରେ ଦୁଃଖର ପାହାଡ଼ ଲଦି ଦେଇଛି। ଏବେ ପୁଅର ମୃତଦେହକୁ ନିଜ ଜନ୍ମମାଟିକୁ ଫେରାଇ ଆଣିବା ପାଇଁ ପରିବାର ଆକୁଳ ନିବେଦନ କରୁଛନ୍ତି। ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲ୍ଲା ସବଡେଗା ବ୍ଲକ ଅନ୍ତର୍ଗତ ଡମକୁଡ଼ା ଗ୍ରାମର ଦୀପକ ସାହୁ (୨୬) ରୋଜଗାର ଉଦ୍ଦେଶ୍ୟରେ ତାମିଲନାଡୁ ଯାଇ ସେଠାରେ କାମ କରୁଥିଲେ। ହେଲେ ହଠାତ୍ ତାଙ୍କ ମୃତ୍ୟୁ ଖବର ଗାଁରେ ପହଞ୍ଚିବା ପରେ ପରିବାର ଓ ଆତ୍ମୀୟସ୍ୱଜନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଅଭିଯୋଗ ଅନୁଯାୟୀ, ଦୀପକଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହକୁ ଓଡ଼ିଶା ଫେରାଇ ଆଣିବା ପାଇଁ ପରିବାର ପକ୍ଷରୁ ଉଦ୍ୟମ କରାଯାଉଥିବା ବେଳେ ସମ୍ପୃକ୍ତ ମ୍ୟାନେଜର ମୃତଦେହ ପଠାଇବାକୁ ରାଜି ହେଉନଥିବା ଅଭିଯୋଗ ହୋଇଛି। ଫଳରେ ଶୋକାକୁଳ ପରିବାର ଅଧିକ ଅସହାୟ ହୋଇପଡ଼ିଛନ୍ତି। ଅନ୍ୟପଟେ, ପୁଅର ମୃତଦେହକୁ ଶେଷଥର ପାଇଁ ଦେଖିବା ସହ ନିଜ ଗାଁ ମାଟିରେ ଶେଷକୃତ୍ୟ ସମ୍ପନ୍ନ କରିବାକୁ ଅପେକ୍ଷା କରି ରହିଛନ୍ତି ପରିବାରବର୍ଗ। ଏଭଳି ଦୁଃଖଦ ସମୟରେ ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର ଓ ସମ୍ପୃକ୍ତ ଅଧିକାରୀମାନେ ତୁରନ୍ତ ହସ୍ତକ୍ଷେପ କରି ଦୀପକଙ୍କ



ମୃତଦେହକୁ ଓଡ଼ିଶା ଫେରାଇ ଆଣିବାର ବ୍ୟବସ୍ଥା କରିବା ସହ ପରିବାରକୁ ଆବଶ୍ୟକ ସହଯୋଗ ଯୋଗାଇଦେବାକୁ ଦାବି ହୋଇଛି। ମାତ୍ର ୨୬ ବର୍ଷ ବୟସରେ ଦୀପକଙ୍କ ଅକାଳ ବିୟୋଗ ଡମକୁଡ଼ା ଗ୍ରାମରେ ଗଭୀର ଶୋକର ବାତାବରଣ ସୃଷ୍ଟି କରିଛି। ପରଦେଶରେ ଜୀବନ ହାରିଥିବା ଯୁବକଙ୍କ ମୃତଦେହ କେବେ ନିଜ ଜନ୍ମମାଟିକୁ ଫେରିବ, ତାହାକୁ ନେଇ ଏବେ ପରିବାର ଅପେକ୍ଷାରେ ରହିଛନ୍ତି।

ଭିତର ପୃଷ୍ଠାର ଅବଶିଷ୍ଟାଂଶ

ପିଛା ଛାଡୁନି ବର୍ଷା...୩୦ରେ ଆଉ ଏକ ଲଘୁଚାପ...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)ଏପ୍ରିଲରୁ ଜୁନ୍ (ପ୍ରାକ୍ ମୌସୁମୀ) ଓ ଅକ୍ଟୋବରରୁ ଡିସେମ୍ବର (ମୌସୁମୀ ପରବର୍ତ୍ତୀ) ସମୟରେ ଆରବ ସାଗର ଓ ବଙ୍ଗୋପସାଗରରେ ବାତ୍ୟା ଆସିଥାଏ । ହାରହାରି ବର୍ଷରେ ୫/୬ଟି ବାତ୍ୟା ହୋଇଥାଏ । ଏପ୍ରିଲରୁ ଜୁନ୍ ଭିତରେ ୧/୨ଟି ଓ ଅକ୍ଟୋବର-ଡିସେମ୍ବର ଭିତରେ ୩/୪ଟି । ଏହାର ଅର୍ଥ ନୁହେଁ ଯେ ପ୍ରତିବର୍ଷ ଏତିକି ସଂଖ୍ୟାରେ ବାତ୍ୟା ହେବା ନିଶ୍ଚିତ । ଚଳିତବର୍ଷ ପ୍ରାକ୍ ମୌସୁମୀ ବାତ୍ୟା ଆସିନଥିଲା । ଏଇ କିଛି ଦିନ ଭିତରେ ବଙ୍ଗୋପସାଗରରେ ଆଗ ପଛ ହୋଇ ଲଗାତାର ୩ଟି ବାତ୍ୟା (ଓର୍ଣ୍ଣାବ, ମୁରାସୁ, ଅକଭାନ) ଆସିଛି । ସମସ୍ତ ୩ଟି ବାତ୍ୟା ଆନ୍ଧ୍ର-ଓଡ଼ିଶା ଉପକୂଳ ମୁହାଁ ହୋଇଛି । ୧୯୮୭ରେ ଏଭଳି ସ୍ଥିତି ଆସିଥିଲା । ବଡ଼ କଥା ହେଲା, ଚଳିତବର୍ଷ ଶକ୍ତିଶାଳୀ ଏଲ୍-ନିନୋ ରହିଛି । ୧୯୮୭ରେ ବି ଶକ୍ତିଶାଳୀ ଏଲ୍-ନିନୋ ସ୍ଥିତି ଥିଲା । ଆଇଏମଡି ପକ୍ଷରୁ କୁହାଯାଇଛି, ବର୍ତ୍ତମାନ ରାଜ୍ୟରେ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି । ୩ ଦିନ ଯାଏ ରାତି ତାପମାତ୍ରା ବିଶେଷ ବଦଳିବନି । ଏହାପରେ ପରବର୍ତ୍ତୀ ୪ ଦିନରେ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ କମିପାରେ ।

କାଶ୍ମୀରରେ ପୁଣି ପାକିସ୍ତାନୀ ଆତଙ୍କୀଙ୍କ ଅନୁପ୍ରବେଶ !...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ) ମଧ୍ୟରେ ୩ରୁ ୪ ଜଣ ଆତଙ୍କବାଦୀ ପୁଞ୍ଚ ଅଞ୍ଚଳ ଦେଇ ଭାରତରେ ପ୍ରବେଶ କରିଛନ୍ତି । ସେମାନେ ଏବେ ଦକ୍ଷିଣ କାଶ୍ମୀରର କୌଣସି ଅଞ୍ଚଳରେ ଲୁଚି ରହିଥିବା ଆଶଙ୍କା ରହିଛି। ଗୁଇନ୍ଦା ସୂଚନା ଅନୁସାରେ, ଏହି ଆତଙ୍କବାଦୀମାନେ ଇକ-୪୭ ରାଇଫଲ୍ ଓ ହ୍ୟାଣ୍ଡ ଗ୍ରେନେଡରେ ସଜ୍ଜିତ ଅଛନ୍ତି । ସୀମାପାରରୁ ଧରାପଡ଼ିଥିବା ଗୁପ୍ତ ଯୋଗାଯୋଗରୁ ଏଭଳି ସୂଚନା ମିଳିଥିବା ରିପୋର୍ଟରେ ଦାବି କରାଯାଇଛି । ଏଥର ଅନୁପ୍ରବେଶ କରିଥିବା ଆତଙ୍କବାଦୀମାନେ ଲସ୍କର-ଏ-ତୋଇବାର ନୁହନ୍ତି, ବରଂ ଜୈଶ-ଏ-ମହମ୍ମଦ ସଂଗଠନ ସହ ଜଡ଼ିତ ବୋଲି ଗୁଇନ୍ଦା ସୂତ୍ରରୁ ସୂଚନା ମିଳିଥିବା କୁହାଯାଇଛି । କୁଲଗାମ ଆକ୍ରମଣ ପରେ ଲସ୍କର-ଏ-ତୋଇବା ଓ ଏହାର ସହଯୋଗୀ ସଂଗଠନଗୁଡ଼ିକ ଉପରେ ସୁରକ୍ଷା ଏଜେନ୍ସିର ନଜର ରହିଛି । ଏଭଳି ସ୍ଥିତିରେ ପାକିସ୍ତାନରେ ଥିବା ଆତଙ୍କୀ ହ୍ୟାଣ୍ଡଲରମାନେ ଜୈଶ୍ର ଆତଙ୍କବାଦୀଙ୍କୁ ପଠାଇଥିବା ଆଶଙ୍କା କରାଯାଉଛି ।
କେବଳ ଏତିକି ନୁହେଁ, ନଭେମ୍ବର ୨୮ ଓ ୨୯ ତାରିଖ ପାଖାପାଖି ଆଉ ଏକ ୩ରୁ ୪ ଜଣିଆ ଆତଙ୍କବାଦୀ ଗୋଷ୍ଠୀ ପାକିସ୍ତାନରୁ ଅନୁପ୍ରବେଶ କରିବା ନେଇ ମଧ୍ୟ ଗୁଇନ୍ଦା ସୂଚନା ମିଳିଥିବା ରିପୋର୍ଟରେ ଉଲ୍ଲେଖ ରହିଛି । ଏହି ଗୋଷ୍ଠୀ କଠୁଆ ଦେଇ କିସ୍ତୱାଡ଼ ଅଞ୍ଚଳରେ ପହଞ୍ଚିଥିବା ଆଶଙ୍କା କରାଯାଉଛି। ଏହି ନୂଆ ଇନପୁଟ୍ ପରେ ପୋଲିସ, ସିଆରପିଏଫ ଓ ଅନ୍ୟ ସୁରକ୍ଷା ବାହିନୀକୁ ଆଲର୍ଟ କରାଯାଇଛି। ସନ୍ଦିଗ୍ଧ ସ୍ଥାନଗୁଡ଼ିକରେ ମିଳିତ ଭାବେ ତଲାସୀ ଅଭିଯାନ ଚାଲିଛି ।

ନବୀନ ଓ ପାଣ୍ଡିଆନଙ୍କ ବିଦେଶ ଗସ୍ତ ଖର୍ଚ୍ଚର ତଦନ୍ତ...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ) ଏହି ବିଦେଶ ଗସ୍ତର ଅନିୟମିତତା ସମ୍ପର୍କରେ ସେ ୨୦୨୫ ମସିହାରେ ହିଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ସମସ୍ତ ବିଧାୟକଙ୍କୁ ଏହାର ନକଲ ପ୍ରଦାନ କରିଥିଲେ, କିନ୍ତୁ ସେତେବେଳେ ବିଧାନସଭାରେ କେହି ଏହି ପ୍ରସଙ୍ଗ ଉଠାଇ ନଥିଲେ। ପରବର୍ତ୍ତୀ ସମୟରେ ସେ ଆରଟିଆଇ ମାଧ୍ୟମରେ ଏହାର ତଥ୍ୟ ମାଗିବାରୁ, ଅଭିଯୋଗଟି ସାଧାରଣ ପ୍ରଶାସନ ବିଭାଗ ପାଖରେ ପଡ଼ି ରହିଥିବା ତାଙ୍କୁ ଉତ୍ତର ମିଳିଥିଲା। ଯେଉଁ ସାଧାରଣ ପ୍ରଶାସନ ବିଭାଗ ନିଜେ ତଥ୍ୟ ନଦେଇ ଫାଇଲକୁ ଦୀର୍ଘ ଦିନ ଧରି ଚାପି ରଖିଥିଲା, ଏବେ ସେହି ବିଭାଗର ସଚିବଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟର ବିଜେପି ସରକାର ନିର୍ବାଚନ ପୂର୍ବରୁ ତଦନ୍ତର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କ୍ଷମତାକୁ ଆସିବାପରେ ବିଜେଡି ସହ ଭିତିରି ବୁଝାମଣା ଯୋଗୁଁ ନବୀନ ପଟ୍ଟନାୟକ ଓ ପାଣ୍ଡିଆନଙ୍କୁ ସୁରକ୍ଷା ଦେଉଛନ୍ତି । ପୂର୍ବରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଫାଇଲ ଚୋରି ମାମଲାରେ ପାଣ୍ଡିଆନ(**pandian**)ଙ୍କୁ କ୍ରାଇମବ୍ରାଂଚ ନୋଟିସ ଜାରି କରିବା ପରେ ସେ କେଉଁଠି ହାଜର ହେଲେ ଓ କଣ ତଦନ୍ତ ହେଲା, ତାହାର କୌଣସି ତଥ୍ୟ ଆଜି ପର୍ଯ୍ୟନ୍ତ ସାର୍ବଜନୀନ ହେଲା ନାହିଁ। ଏବେ ପାଣ୍ଡିଆନଙ୍କ ବିଦେଶ ଗସ୍ତର ଖର୍ଚ୍ଚର ତଦନ୍ତ ନିର୍ଦ୍ଦେଶ କେବଳ ଲୋକଦେଖାଣିଆ ନହୋଇ ସରକାର ଗମ୍ଭୀରତାର ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି କି ନାହିଁ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ, ନବୀନଙ୍କ ଇଟାଲୀ ଗସ୍ତବେଳେ ପାଣ୍ଡିଆନଙ୍କ ସହ ଫିଜିଓଥେରାପିଷ୍ଟ ଶ୍ରଦ୍ଧା ନାମ୍ନୀ ମହାରାଷ୍ଟ୍ରର ଯୁବତୀ ମଧ୍ୟ ଯାଇଥିଲେ। ଯାହାକୁ ନେଇ ସେବେ ବିଧାନସଭାରେ ତୁମ୍ବିତୋଫାନ୍ ମଧ୍ୟ ହୋଇଥିଲା।

କନ୍ଧମାଳ ଜିଲ୍ଲାରେ ବାତ୍ୟା ଅର୍ଣ୍ଣବ-୨୦୨୬ ସହାୟତା ବଂଟନ ଜାରି, ୬୨,୮୫୬ ପରିବାର ଉପକୃତ

କନ୍ଧମାଳ: କନ୍ଧମାଳ ଜିଲ୍ଲାରେ ଆକ୍ଟୁାନ୍ ବାତ୍ୟା 'ଅର୍ଣ୍ଣବ-୨୦୨୬' କ୍ଷତିଗ୍ରସ୍ତ ପରିବାରଙ୍କୁ ରିଲିଫ୍ ସହାୟତା ବଂଟନ ଜାରି ରହିଛି। ବାତ୍ୟାର ମୁକାବିଲା ଓ ଜରୁରୀକାଳୀନ ପରିଚାଳନା କାର୍ଯ୍ୟରେ ଜିଲ୍ଲାର ଅଧିକାରୀମାନେ ଗତ ଦୁଇଦିନ ଧରି ବ୍ୟସ୍ତ ରହିଥିବାରୁ ସହାୟତା ବଂଟନ କାର୍ଯ୍ୟ ସାମୟିକ ଭାବେ ବନ୍ଦ ରହିଥିଲା। ପରିସ୍ଥିତି ସ୍ୱାଭାବିକ ହେବା ପରେ ପୁନର୍ବାର ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଛି। ୨୧ ନଭେମ୍ବର ୨୦୨୬ ସୁଦ୍ଧା ଜିଲ୍ଲାରେ ୫୦ କେଜି ଚାଉଳ ପ୍ରତି ପରିବାର ହିସାବରେ ମୋଟ ୫,୧୮୫ଟି ପରିବାରକୁ ୨,୫୯୨.୫ କ୍ୱିଂଟାଲ ଚାଉଳ ବଣ୍ଟନ କରାଯାଇଛି। ସେହିପରି ପ୍ରତି ପରିବାରକୁ ୨,୫୦୦ ଟଙ୍କା ହିସାବରେ ମୋଟ ୧,୮୯,୧୨୬ଟି ପରିବାର ପାଇଁ ୪୭ କୋଟି ୨୮ ଲକ୍ଷ ୧୭ ହଜାର ୫୦୦ ଟଙ୍କାର ସହାୟତା ଆକଳନ କରାଯାଇଛି। ଏଥିମଧ୍ୟରୁ ୬୨,୮୫୬ଟି ପରିବାରକୁ ୧୫ କୋଟି ୭୧ ଲକ୍ଷ ୪୦ ହଜାର ଟଙ୍କା ବଂଟନ କରାଯାଇଛି। ଜିଲ୍ଲାର ସମସ୍ତ ବ୍ଲକ୍ ଓ ସହରାଂଚଳରେ ଅବଶିଷ୍ଟ ଯୋଗ୍ୟ ପରିବାରଙ୍କୁ ଯଥାଶୀଘ୍ର ସହାୟତା ପହଂଚାଇବା ସହ ବଂଟନ କାର୍ଯ୍ୟ ଶୀଘ୍ର ସମାପ୍ତ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଐତିହ୍ୟ ବିଦ୍ୟାଳୟର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ସମୀକ୍ଷା ବୈଠକ

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଐତିହ୍ୟ ବିଦ୍ୟାଳୟର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ପ୍ରସ୍ତାବିତ ଐତିହ୍ୟ ବିଦ୍ୟାଳୟର ଡିପିଆର ଉପସ୍ଥାପନ କରାଯିବା ସହ ଏହା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ଚହ୍ୱାଣ ପ୍ରକଳ୍ପର ସମସ୍ତ ବୈଷୟିକ ଦିଗକୁ ସମୀକ୍ଷା କରିଥିଲେ ଏବଂ ଉପସ୍ଥିତ ଯନ୍ତ୍ରୀ ଓ ଶିକ୍ଷା ବିଭାଗର ଅଧିକାରୀମାନଙ୍କ ସହ ବିଦ୍ୟାଳୟର ବୁଟ୍ପ୍ରିଣ୍ଟ ମଧ୍ୟ ସମୀକ୍ଷା କରିଥିଲେ। ପ୍ରସ୍ତୁତ ହୋଇଥିବା ଡିପିଆର ଏବଂ ବୁଟ୍ପ୍ରିଣ୍ଟ ଅତ୍ୟନ୍ତ ସନ୍ତୋଷଜନକ ହୋଇଥିବା ଦର୍ଶାଇ ଜିଲ୍ଲାପାଳ ଏହାକୁ ପ୍ରଶଂସା କରିବା ସହ ପ୍ରକଳ୍ପର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ତୁରନ୍ତ ଆରମ୍ଭ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲାର ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ, ଡିଆଇଇଟି ଅଧ୍ୟକ୍ଷ, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ବରିଷ୍ଠ ବୈଷୟିକ ଅଧିକାରୀ ଓ ସମସ୍ତ ସହଯୋଗୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହା ସହିତ ଓଡ଼ିଶା ସେତୁ ଓ ନିର୍ମାଣ ନିଗମର ନିର୍ବାହୀ ଯନ୍ତ୍ରୀ ଓ ବରିଷ୍ଠ ସିଭିଲ୍ ଯନ୍ତ୍ରୀ, ଝାରସୁଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ମଲ୍ଟି-ଏକ୍ସେଲ ଟ୍ରକ୍ ଚଳାଚଳକୁ ନେଇ ବିବାଦ ତେଜିଲା

ଦଶଚକିଆ ଟ୍ରକ୍ ମାଲିକଙ୍କ ବିରୋଧ, ରାଜନୈତିକ ନେତାଙ୍କ ଦ୍ୱାରସ୍ଥ

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲା ବ୍ରଜରାଜନଗରସ୍ଥିତ ମହାନଦୀ କୋଲ୍ଫିଲ୍ଡସ୍ ଲିମିଟେଡ୍ (ଏମ୍ସିଏଲ୍)ର ବିଭିନ୍ନ କୋଇଲା ଖଣିରେ ମଲ୍ଟି-ଏକ୍ସେଲ ଟ୍ରକ୍ ଚଳାଚଳକୁ ନେଇ ବିବାଦ ତୀବ୍ର ହୋଇଛି। ପ୍ରଶାସନର ନିଷ୍ପତ୍ତିକୁ କେତେଜଣ ଦଶଚକିଆ ଟ୍ରକ୍ ମାଲିକ ବିରୋଧ କରୁଥିବାବେଳେ ଏହି ପ୍ରସଙ୍ଗ ଏବେ ରାଜନୈତିକ ସ୍ତରରେ ପହଂଚିଛି। ସୂଚନା ଅନୁଯାୟୀ, ବ୍ରଜରାଜନଗର ଅଂଚଳର ସମଲେଶ୍ୱରୀ, ଲଜକୁରା ଓ ହୀରାଖଣ୍ଡ ବୁନ୍ଦିଆ ଭଳି ବୃହତ୍ କୋଇଲା ଖଣିରୁ ରାଜ୍ୟର ବିଭିନ୍ନ ଶିଳ୍ପସଂସ୍ଥାକୁ ପ୍ରତିଦିନ କୋଇଲା ପରିବହନ କରାଯାଉଛି। ପୂର୍ବରୁ ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ ଅଧୀନରେ ଥିବା ଶତାଧିକ ଦଶଚକିଆ ଟ୍ରକ୍ ଏହି କାର୍ଯ୍ୟରେ ନିୟୋଜିତ ହେଉଥିଲେ। ତେବେ ଶିଳ୍ପସଂସ୍ଥାଗୁଡ଼ିକରେ କୋଇଲା ଚାହିଦା ବୃଦ୍ଧି ପାଇବା ସହ ନିର୍ଦ୍ଧାରିତ ସମୟରେ କୋଇଲା ପହଂଚାଇବାରେ ଦଶଚକିଆ ଟ୍ରକ୍ଗୁଡ଼ିକ ସକ୍ଷମ ହେଉନାହାନ୍ତି। ଏହାଦ୍ୱାରା ପରିବହନ ସଂସ୍ଥାଗୁଡ଼ିକ କ୍ଷତି ସହୁଛନ୍ତି। ଏହି ସମସ୍ୟାର ସମାଧାନ ନିମନ୍ତେ ପରିବହନ ସଂସ୍ଥାଗୁଡ଼ିକ ଖଣିରେ ୧୨ ଓ ୧୪ ଚକିଆ ମଲ୍ଟି-ଏକ୍ସେଲ ଟ୍ରକ୍ ଚଳାଚଳ ପାଇଁ ଜିଲା ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ। ସମସ୍ତ ଦିଗକୁ ବିଚାରକୁ ନେଇ ପ୍ରଶାସନ ଏହି ଭାରିଯାନ ଚଳାଚଳକୁ ଅନୁମତି ଦେଇଛି। ଗତ ଦୁଇମାସ ଧରି ଲଖନପୁର ଖଣିରେ ମଲ୍ଟି-ଏକ୍ସେଲ ଟ୍ରକ୍ ଚଳାଚଳ କରୁଥିବା ବେଳେ ବ୍ରଜରାଜନଗରରେ ଏହାକୁ ନେଇ ବିରୋଧ ଦେଖାଦେଇଛି। ଅନ୍ୟପକ୍ଷରେ ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘର ସଭାପତି ସତୀଶ ସିଂହ ଓ ସମ୍ପାଦକ ଧନଞ୍ଜୟ ସିଂହ ପ୍ରଶାସନର ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ମଲ୍ଟି-ଏକ୍ସେଲ ଟ୍ରକ୍ ଚଳାଚଳ ସପକ୍ଷରେ ମତ ରଖିଛନ୍ତି। ମାତ୍ର ଜୀବିକା ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ କରି କେତେଜଣ ଦଶଚକିଆ ଟ୍ରକ୍ ମାଲିକ ବଡ଼ ଗାଡ଼ି ଚଳାଚଳକୁ ବିରୋଧ କରୁଛନ୍ତି। ଏନେଇ ସେମାନେ ବରଗଡ଼ ସାଂସଦଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି। ତେବେ ଭାରିଯାନ ଚଳାଚଳରେ କୌଣସି ସଂଘ କିମ୍ବା ବ୍ୟକ୍ତି ବାଧା ସୃଷ୍ଟି କଲେ ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ସ୍ପଷ୍ଟ କରିଛନ୍ତି। ଏଭଳି ସ୍ଥିତିରେ ଭାରିଯାନ ଚଳାଚଳକୁ ନେଇ ଟ୍ରକ୍ ମାଲିକଙ୍କ ମଧ୍ୟରେ ମତଭେଦ ଆଗକୁ କେଉଁ ମୋଡ଼ ନେଉଛି, ତାହା ଦେଖିବାକୁ ବାକି ରହିଲା।

୧୧ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ଜଣେ ଗିରଫ

ସମ୍ବଲପୁର: ବେଆଇନ ଗଞ୍ଜେଇ କାରବାରରେ ଅବକାରୀ ବିଭାଗର ସ୍ଥାଣୁତାକୁ ଦେଖି ଏବେ ପୋଲିସ ପ୍ରଶାସନ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି । ନିକଟରେ ବେଆଇନ ଗଞ୍ଜେଇ କାରବାରରେ ଚଢ଼ଉ କରି ଚାରମାଳ ଥାନା ପୋଲିସ ୧୧ କେଜି ୮୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ସୂଚନାନୁଯାୟୀ ଏକ ବିଶ୍ୱାସନୀୟ ସୂଚନା ଆଧାରରେ ଗତ ୨୦ ତାରିଖରେ ଚାରମାଳ ଥାନା ପୋଲିସ ଚୁଡ଼ାପୁଡୁଗ ଗ୍ରାମରେ ଚଢ଼ଉ କରିଥିଲା । ଏହି ସମୟରେ ଗ୍ରାମର ହିରେନ୍ଦ୍ର କର୍ଣ୍ଣର ଘରୁ ୧୧ କେଜି ୮୦୦ ଗ୍ରାମ ଗଞ୍ଜେଇ ବାହାରିବା ପରେ ପୋଲିସ ଏହାକୁ ଜବତ କରିଥିଲା । ଏହି ଘଟଣାରେ ବଲାଙ୍ଗୀର ଜିଲ୍ଲା ସଦର ଥାନା ଅନ୍ତର୍ଗତ କୁସମେଲ (ଆର୍ଆର୍ କଲୋନୀ)ର ବଳଦେବ ପାଟଣିଆର ୧୯ ବର୍ଷୀୟ ପୁଅ ପ୍ରକାଶ ପାଟଣିଆକୁ ପୁଲିସ ଗିରଫ କରିଛି । ଏହି ବେଆଇନ ଗଞ୍ଜେଇ କାରବାରରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି । ଏନେଇ ଚାରମାଳ ଥାନାରେ ୧୮୫/୨୬, ଏନ୍ଡିପିଏସ୍ ଆଇନର ଧାରା ୨୦(ବି)(ସସ)(ବି) ଅନୁଯାୟୀ ମାମଲା ରୁଜୁ ହୋଇଥିବା ଜଣାପଡିଛି ।

ଝାଡେଶ୍ୱରୀ ଦିବ୍ୟାଙ୍ଗ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଝାରସୁଗୁଡ଼ା ଜିଲ୍ଲା ପାଠାଗାର ପରିଭ୍ରମଣ

ଝାରସୁଗୁଡ଼ା : ବୁଢ଼ାପଡା ବୁରୋମାଲ ସ୍ଥିତ ଝାଡେଶ୍ୱରୀ ଦିବ୍ୟାଙ୍ଗ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆଜି ଝାରସୁଗୁଡ଼ା ଜିଲ୍ଲା ପାଠାଗାର ପରିଭ୍ରମଣ କରିଥିଲେ। ଏହି ପରିଭ୍ରମଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପଢ଼ିବା ଅଭ୍ୟାସ, ଜ୍ଞାନ ଆହରଣ ଓ ପୁସ୍ତକ ପ୍ରତି ଆଗ୍ରହ ସୃଷ୍ଟି କରିବା। ପାଠାଗାରରେ ଥିବା ବିଭିନ୍ନ ପ୍ରକାରର ପୁସ୍ତକ, ପତ୍ରପତ୍ରିକା ଓ ଶିକ୍ଷଣୀୟ ସାମଗ୍ରୀ ସମ୍ପର୍କରେ ଛାତ୍ରଛାତ୍ରୀମାନେ ଜାଣିବାର ସୁଯୋଗ ପାଇଥିଲେ। ପାଠାଗାରର କର୍ମଚାରୀମାନେ ଛାତ୍ରଛାତ୍ରୀଙ୍କୁ ପାଠାଗାରର କାର୍ଯ୍ୟ ପ୍ରଣାଳୀ ଓ ପୁସ୍ତକର ଉପଯୋଗିତା ବିଷୟରେ ବୁଝାଇଥିଲେ। ଏହି ପରିଦର୍ଶନ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଆନନ୍ଦଦାୟକ ଓ ଜ୍ଞାନବର୍ଦ୍ଧକ ଅନୁଭ

କୋଶଳ ସମ୍ବାଦ

ରବିବାର ୨୨ ନଭେମ୍ବର ୨୦୨୬

ଅନ୍ତର୍ଜାତୀୟ ଖବର

ଏବେ ତ କେବଳ ଆରମ୍ଭ', ଶତ୍ରୁଙ୍କୁ ଆହୁରି ଲଜ୍ଜିତ କରିବୁ : ଆମେରିକାକୁ ଇରାନର ଖୋଲା ଚେତାବନୀ



ନୂଆଦିଲ୍ଲୀ : ଆମେରିକା ଓ ଇରାନ ମଧ୍ୟରେ ସାମରିକ ଉତ୍ତେଜନା ଥମିବାର ନାଁ ନେଉନି। ଦୁଇ ଦେଶ ମଧ୍ୟରେ ଯୁଦ୍ଧର ଆଶଙ୍କା ଓ କୂଟନୈତିକ ଅନିଶ୍ଚିତତା ଜାରି ରହିଥିବାବେଳେ ଆମେରିକାକୁ ପୁଣି ଖୋଲା ଚେତାବନୀ ଦେଇଛି ଇରାନ। ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ୍ (ଓଜଏଉ)ର ମୁଖ୍ୟ ଅହମଦ୍ ୱାହିଦି କହିଛନ୍ତି, ଇରାନର ଶତ୍ରୁମାନଙ୍କୁ ଆଗକୁ ଆହୁରି ଅପମାନିତ ହେବାକୁ ପଡ଼ିବ। ଏବେ ଯାହା ଘଟୁଛି, ତାହା କେବଳ ଆରମ୍ଭ ମାତ୍ର। ଆଗକୁ ସେମାନଙ୍କୁ ଆହୁରି ଲଜ୍ଜା ଓ ଅପମାନର ସାମ୍ନା କରିବାକୁ ପଡ଼ିବ ବୋଲି ସେ ଚେତାବନୀ ଦେଇଛନ୍ତି। ଇରାନୀ ଗଣମାଧ୍ୟମ ଅନୁସାରେ, ଓଜଏଉ ମୁଖ୍ୟ ଅହମଦ୍ ୱାହିଦି ନିକଟରେ ସଂଗଠନର ଏକ ଅସ୍ତ୍ର ଭଣ୍ଡାର ପରିଦର୍ଶନ କରିଥିଲେ। ଏହି ସ୍ଥାନକୁ ଇରାନୀ ମିଡିଆରେ 'ମିସାଇଲ୍ ସିଟି' ବୋଲି କୁହାଯାଉଛି। ସେଠାରେ ସେ ଆମେରିକା ଓ ଇରାନର ଶତ୍ରୁ ଦେଶଗୁଡ଼ିକୁ ଟାର୍ଗେଟ୍ କରି ଏଭଳି ବୟାନ ଦେଇଥିଲେ। ୱାହିଦିଙ୍କ କହିବା ଅନୁସାରେ, ଶତ୍ରୁମାନଙ୍କ ସହ ଏବେ ଯାହା ଘଟୁଛି, ତାହା ଆଗାମୀ ଘଟଣାର ମାତ୍ର ଆରମ୍ଭ। ଆଗକୁ ସେମାନଙ୍କୁ ପୂର୍ବାପେକ୍ଷା ଅଧିକ ଅପମାନିତ ହେବାକୁ ପଡ଼ିବ। ଶେଷରେ ସତ୍ୟର ବିଜୟ ହେବ ଏବଂ ମିଥ୍ୟାର ଅନ୍ତ ଘଟିବ ବୋଲି ସେ କହିଛନ୍ତି। ଚଳିତ ବର୍ଷ ଫେବୃଆରୀ ୨୮ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍ର ଆକ୍ରମଣ ପରେ ସଂଘର୍ଷ ଆହୁରି ଭୟଙ୍କର ରୂପ ନେଇଥିଲା। ଏହି ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଅଲି ଖାମେନିଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀଙ୍କ ମୃତ୍ୟୁ ହୋଇଥିଲା।ଏହାର ଜବାବରେ ଇରାନ ଉପସାଗରୀୟ ଅଞ୍ଚଳରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ୍ କରିଥିଲା। ଏଥିସହ ବିଶ୍ୱର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ ହର୍ମୁଜ୍ ପ୍ରଣାଳୀରେ ଜାହାଜ ଚଳାଚଳ ଉପରେ ମଧ୍ୟ କଟକଣା ଲଗାଇଥିଲା। ଏହାର ପ୍ରଭାବରେ ଅନ୍ତର୍ଜାତୀୟ ତୈଳ ଯୋଗାଣ ଓ ସମୁଦ୍ରପଥରେ ବାଣିଜ୍ୟକୁ ନେଇ ଚିନ୍ତା ବଢ଼ିଛି। ଏହି ଉଚ୍ଚ ଜନା ମଧ୍ୟରେ ଶନିବାର ଇରାନର ଓଜଏଉ ଦାବି କରିଛି ଯେ, ତାହାର ଏରୋସ୍ପେସ୍ ଫୋର୍ସ ହର୍ମୁଜ୍ ପ୍ରଣାଳୀ ଉପରେ ଏକ ଆମେରିକୀୟ ଗଛ-୯ ରିପର୍ ଡ୍ରୋନ୍କୁ ଖସାଇ ଦେଇଛି। ଏଥିପାଇଁ ନୂଆ ଭାବେ ମୁତୟନ କରାଯାଇଥିବା ଏୟାର ଡିଫେନ୍ସ ସିଷ୍ଟମ୍ ବ୍ୟବହାର କରାଯାଇଥିବା ଓଜଏଉ କହିଛି।ଇରାନର ଦାବି ଅନୁସାରେ, ଏହା ହେଉଛି ଯୁଦ୍ଧ ଆରମ୍ଭ ପରଠାରୁ ଖସାଯାଇଥିବା ୫୮ତମ ଆମେରିକୀୟ ଗଛ-୯ ଡ୍ରୋନ୍। ତେବେ ଏହି ଦାବିକୁ ସ୍ୱାଧୀନ ଭାବେ ଏଯାଏଁ ପ୍ରମାଣିତ କରାଯାଇନାହିଁ। ଗଛ-୯ ରିପର୍ ହେଉଛି ଆମେରିକାର ଏକ ଦୀର୍ଘ ସମୟ ଉଡ଼ି ପାରୁଥିବା ମାନବବିହୀନ ଡ୍ରୋନ୍। ଏହାକୁ ଗୁଇନ୍ଦା ତଥ୍ୟ ସଂଗ୍ରହ, ନିରୀକ୍ଷଣ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଉପରେ ଆକ୍ରମଣ ପାଇଁ ବ୍ୟବହାର କରାଯାଏ। ଏହା ପୂର୍ବରୁ ଗୁରୁବାର ଓଜଏଉର ମୁଖପାତ୍ର ବ୍ରିଗେଡିୟର ଜେନେରାଲ୍ ହୋସେନ୍ ମୋହେବି ମଧ୍ୟ ଆମେରିକାକୁ ଚେତାବନୀ ଦେଇଥିଲେ। ସେ କହିଥିଲେ, ଇରାନ ଯେକୌଣସି ସାମରିକ ପରିସ୍ଥିତିର ମୁକାବିଲା କରିବାକୁ ପ୍ରସ୍ତୁତ। ଯୁଦ୍ଧ ହେଉ କି ଶାନ୍ତି, ଦୀର୍ଘ ସମୟ ଧରି ଅନିଶ୍ଚିତ ପରିସ୍ଥିତିକୁ ଇରାନ ଗ୍ରହଣ କରିବ ନାହିଁ। ତାଙ୍କ କହିବା ଅନୁସାରେ, ଏହି ସଂଘର୍ଷର ନିଷ୍ପତ୍ତି ଯୁଦ୍ଧକ୍ଷେତ୍ରରେ ହେବ, ନଚେତ୍ ଆମେରିକାକୁ ଇରାନର ସର୍ତ୍ତ ମାନିବାକୁ ପଡ଼ିବ। ଇରାନ ନିଜର ବାୟୁ ପ୍ରତିରକ୍ଷା କ୍ଷମତାକୁ ମଜବୁତ କରିବା ପାଇଁ ଅତି କମ୍ରେ ତିନୋଟି ନୂଆ ଡିଫେନ୍ସ ସିଷ୍ଟମ୍ ବିକଶିତ କରିଥିବା ମଧ୍ୟ ସେ ଦାବି କରିଥିଲେ। ହୋସେନ୍ ମୋହେବିଙ୍କ ଅନୁସାରେ, ଓଜଏଉର ଏରୋସ୍ପେସ୍ ଫୋର୍ସ ନୂଆ ପ୍ରତିରକ୍ଷା ବ୍ୟବସ୍ଥାର ଡିଜାଇନ୍ ଓ ନିର୍ମାଣ ପାଇଁ ନିରନ୍ତର କାମ କରିଛି। ୨୦୨୫ ଜୁନ୍ ୧୩ରେ ଆରମ୍ଭ ହୋଇଥିବା ୧୨ ଦିନିଆ ଯୁଦ୍ଧ ପରେ ଏହି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯାଇଥିଲା ବୋଲି ସେ କହିଛନ୍ତି। ସେହି ସମୟରେ ଇସ୍ରାଏଲ୍ ଇରାନର ପରମାଣୁ କେନ୍ଦ୍ର, ବାଲିଷ୍ଟିକ୍ ମିସାଇଲ୍ ଭିତ୍ତିଭୂମି, ସାମରିକ ପ୍ରତିଷ୍ଠାନ ଓ ବରିଷ୍ଠ ସାମରିକ ଅଧିକାରୀଙ୍କୁ ଟାର୍ଗେଟ୍ କରିଥିଲା। ଇସ୍ରାଏଲ କହିବା ଅନୁସାରେ, ଇରାନକୁ ପରମାଣୁ ଅସ୍ତ୍ର ବିକଶିତ ରୋକିବା ଏହି ଆକ୍ରମଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

୧ ହଜାର କର୍ମଚାରୀ ହେବେ ଛଟେଇ, ଦୁନିଆର ସବୁଠାରୁ ବଡ଼ ଏୟାରଲାଇନ୍ସ କାହିଁକି ନେଲା ଏଭଳି ନିଷ୍ପତ୍ତି ?



ନୂଆଦିଲ୍ଲୀ,୨୧।୧୧: ଗତ କିଛି ବର୍ଷ ମଧ୍ୟରେ, ଅନେକ ଆଇଟି ଏବଂ ସଫ୍ଟୱେର୍ କମ୍ପାନୀ ନିଜ କର୍ମଚାରୀଙ୍କୁ ଛଟେଇ କରିଛନ୍ତି। ତଥାପି, ଏହି ଛଟେଇ କେବଳ ଏତିକିରେ ସୀମିତ ହୋଇନାହିଁ। ଏୟାରଲାଇନ୍ସ ବଜାର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମାନ୍ଦାବସ୍ଥା ଦେଇ ଗତି କରୁଛି, ଯାହା ଫଳରେ ସେଠାରେ ମଧ୍ୟ ଛଟେଇ ହେଉଛି। ନିକଟରେ ୟୁରୋପର ସର୍ବବୃହତ ବିମାନ କମ୍ପାନୀ ପ୍ରାୟ ୧୦୦୦ କର୍ମଚାରୀଙ୍କୁ ଛଟେଇ କରିବାର ଘୋଷଣା କରିଛି। ବିମାନ କମ୍ପାନୀ କହିଛି ଯେ ଲଗାତାର ଭାବରେ ବଢିବାରେ ଲାଗିଛି ଇନ୍ଧନ ମୂଲ୍ୟ। ଏହି କାରଣରୁ ବର୍ତ୍ତମାନ ଡଚେ ଲୁଫ୍ଥାନସା ଯଥେଷ୍ଟ କ୍ଷତି ସହୁଛି। ଆଗକୁ ଏଭଳି କ୍ଷତି ଏଡାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଲୁଫ୍ଥାନସା ପରିଚାଳନା କର୍ମଚାରୀମାନଙ୍କୁ ଏ ସମ୍ପର୍କରେ ଏକ ଚିଠି ପଠାଇଛି। ଏହି ଚିଠିରେ, କମ୍ପାନୀ କହିଛି ଯେ ଏହା ମ୍ୟୁନିଚ୍ ଏବଂ ଫ୍ରାଙ୍କଫର୍ଟରେ ଥିବା ଏହାର ହବ୍ରେ ପୂର୍ଣ୍ଣକାଳୀନ ପଦବୀ ସଂଖ୍ୟା ହ୍ରାସ କରିବ। ଲୁଫ୍ଥାନସା ସିଇଓ ଜେନ୍ସ ରିଟରଙ୍କ ସମେତ ଉଚ୍ଚ ପଦାଧିକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ଏହି ଚିଠିରେ କୁହାଯାଇଛି, 'ଲୁଫ୍ଥାନସା ଏୟାରଲାଇନ୍ସ ଛୋଟ ଏବଂ ମଧ୍ୟମ ଦୂରତା ରୁଟରେ ଏହାର କ୍ଷମତାକୁ ଆହୁରି ହ୍ରାସ କରିବାକୁ ଯୋଜନା କରୁଛି। ଏହା ସହିତ, କମ୍ପାନୀ ଏହାର ଏୟାରବସ୍ SE A320 ବିମାନର ଫ୍ଲିଟକୁ ହ୍ରାସ କରିବ ଏବଂ ସେଗୁଡ଼ିକୁ ଛୋଟ ଇ୨୨୦ ବିମାନ ସହିତ ବଦଳାଯିବ।' ଆଜିକାଲି ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟ ଉପରେ ବହୁତ ଚାପ ପଡୁଛି। ଏହା ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ସହିତ ଇଞ୍ଧନ (ବିମାନ ଇନ୍ଧନ) ମଧ୍ୟ ମହଙ୍ଗା ହେଉଛି। ଏହା ବିମାନ କମ୍ପାନୀଗୁଡ଼ିକ ଉପରେ ବହୁତ ଚାପ ପକାଉଛି। ଫଳସ୍ୱରୂପ, ଅନେକ ବିମାନ କମ୍ପାନୀ ବିମାନ ଉଡାଣ ହ୍ରାସ କରୁଛନ୍ତି, ଯେତେବେଳେ କି ଅନ୍ୟମାନେ ମଧ୍ୟ ଛଟେଇ କରୁଛନ୍ତି। ଏହି ଛଟେଇ ବର୍ଷକ ମଧ୍ୟରେ ଏୟାରଲାଇନ୍ସର ଦ୍ୱିତୀୟ ଘଟଣା, ଯାହା ଏୟାରଲାଇନ୍ସର ପ୍ଲାଗସିପ୍ ପ୍ରଡକ୍ଟର ସ୍ଥିତି ସୁଧାରିବାରେ ସମ୍ମୁଖୀନ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଅସୁବିଧାକୁ ପ୍ରତିଫଳିତ କରେ। ଏହି ଗ୍ରୁପ ସେପ୍ଟେମ୍ବରରେ ଘୋଷଣା କରିଥିଲା ? ଯେ ଏହା ୨୦୩୦ ସୁଦ୍ଧା ୪ ହଜାର ପ୍ରଶାସନିକ ପଦବୀକୁ ଉଚ୍ଛେଦ କରିବାକୁ ଯୋଜନା କରୁଛି।

ପାକିସ୍ତାନକୁ ଖଣ୍ଡ ଖଣ୍ଡ କରିବାକୁ ଅସୀମ ମୁନିରଙ୍କ ମାଷ୍ଟରପ୍ଲାନ ! ଭୁଟ୍ଟୋ-ସରିଫ ପରିବାରର ରାଜନୀତିରେ ପଡ଼ିବ କି ପୂର୍ଣ୍ଣଚ୍ଛେଦ ?



ନୂଆଦିଲ୍ଲୀ, ୨୧।୧୧: ପାକିସ୍ତାନର ଦେଖାଦେଇପାରେ ବଡ଼ ରାଜନୈତିକ ପରିବର୍ତ୍ତନ । ଦେଶକୁ ଛୋଟ ଛୋଟ ପ୍ରଶାସନିକ ଭାଗରେ ବିଭକ୍ତ କରିବାକୁ ଯୋଜନା ହେଉଥିବା ନେଇ ଚର୍ଚ୍ଚା ଜୋର ଧରିଛି । ଯଦି ଏହି ଯୋଜନା ସଫଳ ହୁଏ, ତେବେ ଦୀର୍ଘ ଦଶନ୍ଧି ଧରି ପାକିସ୍ତାନ ରାଜନୀତିରେ ପ୍ରଭାବ ବିସ୍ତାର କରିଆସୁଥିବା ଭୁଟ୍ଟୋ ଓ ସରିଫ ପରିବାରର ରାଜନୈତିକ ଦବଦବା ଶେଷ ହୋଇପାରେ । ଏହାକୁ ନେଇ ଦେଶରେ ରାଜନୈତିକ ଉତ୍ତେଜନା ବଢ଼ିଛି । ବିଶେଷ କରି ସିନ୍ଧ ପ୍ରଦେଶରୁ କରାଚିକୁ ଅଲଗା କରିବା ପ୍ରସ୍ତାବକୁ ନେଇ ତୀବ୍ର ବିରୋଧ ହୋଇଛି । ରିପୋର୍ଟ ଅନୁସାରେ, ପାକିସ୍ତାନର ସେନାମୁଖ୍ୟ ଅସୀମ ମୁନିର ଦେଶର ୪ଟି ପ୍ରଦେଶକୁ ୧୨ଟି ପ୍ରଶାସନିକ ଭାଗରେ ବିଭକ୍ତ କରିବାକୁ ଯୋଜନା କରୁଥିବା ଚର୍ଚ୍ଚା ହେଉଛି । ପ୍ରତ୍ୟେକ ପ୍ରଦେଶକୁ ୩ଟି ଲେଖାଏଁ ଭାଗରେ ବିଭକ୍ତ କରିବାର ଯୋଜନା ଥିବା କୁହାଯାଉଛି । ଏହି ପ୍ରସ୍ତାବ ଅନୁସାରେ ସିନ୍ଧ ପ୍ରଦେଶରୁ କରାଚିକୁ ଅଲଗା କରାଯାଇପାରେ। ତେବେ ଏହି ପ୍ରସ୍ତାବକୁ ବିଲାୱଲ ଭୁଟ୍ଟୋଙ୍କ ପାକିସ୍ତାନ ପିପୁଲ୍ସ ପାର୍ଟି ତୀବ୍ର ବିରୋଧ କରିଛି । କେବଳ ପିପିପି ନୁହେଁ, କରାଚିରେ ରହୁଥିବା ପାଶ୍ତୁନ, ପଞ୍ଜାବୀ ଓ ବଲୁଚ ସମ୍ପ୍ରଦାୟର ଲୋକମାନେ ମଧ୍ୟ ଏହି ବିଭାଜନକୁ ବିରୋଧ କରୁଥିବା କୁହାଯାଉଛି । ସିନ୍ଧ ପ୍ରଦେଶରେ ଦୀର୍ଘଦିନ ଧରି ଭୁଟ୍ଟୋ ପରିବାରର ରାଜନୈତିକ ପ୍ରଭାବ ରହିଆସିଛି। ବର୍ତ୍ତମାନ ମଧ୍ୟ ଏଠାରେ ପିପିପିର ସରକାର ରହିଛି । ତେଣୁ ସିନ୍ଧକୁ ଭାଗ ଭାଗ କରିବା ଯୋଜନା ଭୁଟ୍ଟୋ ପରିବାରର ରାଜନୈତିକ ଶକ୍ତିକୁ ଦୁର୍ବଳ କରିପାରେ ବୋଲି ଆଶଙ୍କା କରାଯାଉଛି । ଅନ୍ୟପଟେ, ସିନ୍ଧ ପ୍ରଦେଶର ବିଭାଜନ ନେଇ ଜନମତ ସଂଗ୍ରହ କରିବାକୁ ଶେହବାଜ ସରିଫ ସରକାର ବିଚାର କରୁଥିବା ଚର୍ଚ୍ଚା ହେଉଛି । ହେଲେ ସିନ୍ଧର ବିଭିନ୍ନ ସହରର ମେୟର ଏହାକୁ ବିରୋଧ କରିଛନ୍ତି । ପିପିପି ନେତାଙ୍କ ମତରେ, କେବଳ ଜନମତ ସଂଗ୍ରହ ଦ୍ୱାରା ପ୍ରଦେଶର ବିଭାଜନ ହୋଇପାରିବ ନାହିଁ । ଏଥିପାଇଁ ବିଧାନସଭାରେ ଦୁଇ-ତୃତୀୟାଂଶ ବହୁମତରେ ପ୍ରସ୍ତାବ ପାରିତ ହେବା ଆବଶ୍ୟକ । ଏପରିକି କିଛି ମାସ ପୂର୍ବରୁ ସିନ୍ଧ ବିଧାନସଭାରେ ପ୍ରଦେଶ ବିଭାଜନ ବିରୋଧରେ ଏକ ପ୍ରସ୍ତାବ ମଧ୍ୟ ପାରିତ ହୋଇଥିବା ରିପୋର୍ଟରେ ଦାବି କରାଯାଇଛି । ପାକିସ୍ତାନ ରାଜନୀତିରେ ଭୁଟ୍ଟୋ ଓ ସରିଫ ପରିବାରର ପ୍ରଭାବ ଦୀର୍ଘ ଦଶନ୍ଧି ଧରି ରହିଆସିଛି । ସିନ୍ଧରେ ଭୁଟ୍ଟୋ ପରିବାରର ଦବଦବା ଥିବାବେଳେ ପଞ୍ଜାବରେ ସରିଫ ପରିବାରର ପ୍ରଭାବ ରହିଛି । କିନ୍ତୁ ଯଦି ଦେଶର ପ୍ରଦେଶଗୁଡ଼ିକୁ ଛୋଟ ଛୋଟ ପ୍ରଶାସନିକ ଭାଗରେ ବିଭକ୍ତ କରାଯାଏ, ତେବେ ଏହି ଦୁଇ ପରିବାରର ପାରମ୍ପରିକ ରାଜନୈତିକ ଗଡ଼ ଦୁର୍ବଳ ହୋଇପାରେ । ଏହାଦ୍ୱାରା ରାଜନୈତିକ ଦଳଗୁଡ଼ିକର ପ୍ରଭାବ କମିବା ସହ ସେନାର କ୍ଷମତା ଆହୁରି ବଢ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । କରାଚି ହେଉଛି ସିନ୍ଧ ପ୍ରଦେଶର ସବୁଠାରୁ ଧନୀ ସହର । ଏହାକୁ ପାକିସ୍ତାନର ମୁମ୍ବାଇ ବୋଲି ମଧ୍ୟ କୁହାଯାଏ । ଦେଶର ଅର୍ଥନୀତି ଓ ବାଣିଜ୍ୟ କ୍ଷେତ୍ରରେ କରାଚିର ଗୁରୁତ୍ୱ ଅତ୍ୟଧିକ । ବିଶେଷଜ୍ଞ ସୁଶାନ୍ତ ଶରିନ୍ଙ୍କ ମତରେ, କରାଚିକୁ ସିନ୍ଧରୁ ଅଲଗା କରିଦିଆଗଲେ ପ୍ରଦେଶର ଆର୍ଥିକ ଓ ରାଜନୈତିକ ଗୁରୁତ୍ୱ ବହୁତ କମିଯିବ । ପଞ୍ଜାବ ପ୍ରଦେଶ କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହୋଇପାରେ । ଏପରି ସ୍ଥିତିରେ ନୂଆ ପ୍ରଶାସନିକ ଭାଗଗୁଡ଼ିକର ମୁଖ୍ୟମନ୍ତ୍ରୀଙ୍କ ପାଖରେ ସୀମିତ କ୍ଷମତା ରହିପାରେ । ଏହାଦ୍ୱାରା ସେନାମୁଖ୍ୟ ଅସୀମ ମୁନିରଙ୍କ ହାତରେ ଅଧିକ କ୍ଷମତା କେନ୍ଦ୍ରୀଭୂତ ହେବାର ଆଶଙ୍କା ରହିଛି । ତେବେ ପାକିସ୍ତାନରେ ପ୍ରସ୍ତାବିତ ଏହି ପ୍ରଶାସନିକ ପୁନର୍ଗଠନ ବାସ୍ତବରେ କେତେଦୂର ସମ୍ଭବ ହେଉଛି ଏବଂ ଏହା ଭୁଟ୍ଟୋ-ସରିଫ ପରିବାରର ରାଜନୈତିକ ଭବିଷ୍ୟତକୁ କିପରି ପ୍ରଭାବିତ କରୁଛି, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

ପାନ୍କ୍ରିଆଟିକ୍ କ୍ୟାନ୍ସର ଚିକିତ୍ସା କ୍ଷେତ୍ରରେ ନୂଆ ଆଶା

ପ୍ରତ୍ୟହ ବଟିକା ଖାଇଥିବା ୧୨ ଜଣଙ୍କ ମଧ୍ୟରୁ ଜଣଙ୍କର ଟ୍ୟୁମର ଗାଏବ



ୱାଶିଂଟନ ଡିସି, ୨୧/୧୧: ପାନ୍କ୍ରିଆଟିକ୍ କ୍ୟାନ୍ସରର ଚିକିତ୍ସା ଲାଗି ଡାରାକ୍ଟୋନରାସିବ୍ ନାମକ ଏକ ପିଲ୍(ବଟିକା)ର କ୍ଲିନିକାଲ ଟ୍ରାୟଲରୁ ଉତ୍ସାହଜନକ ପରିଣାମ ମିଳିଛି। ଆଡଭାନ୍ସଡ୍ ପାନ୍କ୍ରିଆଟିକ୍ କ୍ୟାନ୍ସର ଚିହ୍ନଟ ହୋଇଥିବା ପ୍ରାୟ ୬୧ ଜଣ ରୋଗୀଙ୍କ ଉପରେ ଦେଢ଼ ବର୍ଷ ଧରି ଏହି ଟ୍ରାଏଲ କରାଯାଇଥିଲା। ପ୍ରାଥମିକ ପରୀକ୍ଷଣରେ କେମୋଥେରାପି ସହ ଦୈନିକ ଏହି ପିଲ୍କୁ ଖାଇଥିବା ପ୍ରତି ୧୨ ଜଣ ରୋଗୀଙ୍କ ମଧ୍ୟରୁ ଜଣଙ୍କ କ୍ଷେତ୍ରରେ ସିଟି ସ୍କାନ୍ରେ କ୍ୟାନ୍ସରର କୌଣସି ସ୍ପଷ୍ଟ ସଙ୍କେତ ଦେଖାଯାଇନଥିବା ଜଣାପଡ଼ିଛି। ସେହିପରି ୯୦ ପ୍ରତିଶତ ରୋଗୀଙ୍କ ନିକଟରେ ଟ୍ୟୁମରର ବୃଦ୍ଧି ବନ୍ଦ ହୋଇଯାଇଥିଲା। ୬୦ ପ୍ରତିଶତ ରୋଗୀଙ୍କ କ୍ଷେତ୍ରରେ ଟ୍ୟୁମର ସଙ୍କୁଚିତ ହୋଇଯାଇଥିଲା। ଟ୍ରାଏଲରେ ସଂପୃକ୍ତ ଥିବା ଆମେରିକାର ମେମୋରିଆଲ ସ୍ଲୋଆନ୍ କେଟରିଙ୍ଗ କ୍ୟାନ୍ସର ସେ ରର ଡାକ୍ତର ୱିଙ୍ଗକି ପାର୍କ ଏହି ଫଳାଫଳକୁ ଅତି ଉତ୍ସାହଜନକ ଦର୍ଶାଇଛନ୍ତି। ତେବେ ଏହାକୁ ଉପଚାର ବୋଲି ବ୍ୟାପକ ଅଧ୍ୟୟନ ଜରୁରି ବୋଲି ସେମାନେ କହିଛନ୍ତି। ସୂଚନାଥାଉକି, ପାନ୍କ୍ରିଆଟିକ୍ କ୍ୟାନ୍ସରର ଅଧିକାଂଶ ମାମଲାରେ କୋଷିକାକୁ ଅନିୟନ୍ତ୍ରିତ ଭାବେ ବଢ଼ାଉଥିବା ରାସ୍ ପ୍ରୋଟିନ୍ ସିଗନାଲକୁ କମ୍ ରୋକିବାକୁ ଡାରାକ୍ଟୋନରାସିବ୍କୁ ଏକ ଟାର୍ଗେଟେଡ୍ ପିଲ୍ ଭାବେ ବ୍ୟବହାର କରାଯାଏ। ଆମେରିକାରେ କିଛି ନିର୍ଦ୍ଦିଷ୍ଟ ମାମଲାରେ ଏହାକୁ ବ୍ୟବହାର ଲାଗି ଅନୁମତି ମିଳିଛି।

ଫିନ୍ଲାଣ୍ଡରେ ୧,୩୦୦ ଏକର ଜଙ୍ଗଲ ନଷ୍ଟ କଲା ଗୁଗଲ୍, ଗାଁମାନଙ୍କରେ ପଶିଲେ ଗଧିଆ

ନୂଆଦିଲ୍ଲୀ, ୨୧/୧୧ : ଗୁଗଲ୍ ଗତ ୧୫ ବର୍ଷ ହେଲା ଫିନ୍ଲାଣ୍ଡକୁ ନିଜର ଟେକ୍ ହବ୍ କରିଛି । କିନ୍ତୁ ଦେଶରେ ଡାଟା ସେଣ୍ଟର ସଂପ୍ରସାରଣ ନିମନ୍ତେ ଏହାର ସଦ୍ୟ ପଦକ୍ଷେପ ଆଖପାଖ ଗାଁକୁ କିଛି ଅବାଞ୍ଛିତ ପଡ଼ୋଶୀଙ୍କ ଆଗମନ ବିପଦର କାରଣ ହୋଇଛି । ଅରବ କୋଟି ଟଙ୍କାର ଡାଟା ସେଣ୍ଟର ନିର୍ମାଣ ଲାଗି ଗୁଗଲ୍ ଅବୈଧ ରୂପେ ଲକ୍ଷ ଲକ୍ଷ ଗଛ କାଟିବା ପରେ ଫିନ୍ଲାଣ୍ଡର ମୁହୋସ ଓ ଓଟାନମାକିର ଗାଁମାନଙ୍କରେ ଜଙ୍ଗଲି ଗଧିଆ ପ୍ରବେଶ କରିଛନ୍ତି। ସ୍ଥିତିକୁ ଦେଖି ଫିନ୍ଲାଣ୍ଡ କର୍ତ୍ତୃପକ୍ଷ ଗଛ କଟା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଓଟନାମାକିର ବାସିନ୍ଦା ଆନି କହିଛନ୍ତି, ଜଙ୍ଗଲ କଟାଯିବା ପରେ ସମସ୍ତ ଜଙ୍ଗଲି ଜନ୍ତୁ ସେଠାରୁ ପଳାୟନ କଲେ ଏବଂ ଗଧିଆ ଗାଁ ଭିତରକୁ ଚାଲିଆସିଲେ। ଫିନ୍ଲାଣ୍ଡରେ ସ୍ଥିତ ଗୁଗଲ୍ର ସହାୟକ କମ୍ପାନି ଟୁଇକେ ଫିନ୍ଲାଣ୍ଡ ଓୟ ମୁହୋସ ଟାଉନ୍ ନିକଟସ୍ଥ ପ୍ରାୟ ୮୧୫ ଏକର ଏବଂ ଓଟାନମାକି ନିକଟରେ ପ୍ରାୟ ୪୯୪ ଏକର ଜଙ୍ଗଲ କାଟି ସଫା କରିଛି । ଆବଶ୍ୟକ ପରିବେଶ ମୂଲ୍ୟାଙ୍କନ ବିନା ଏହି ପ୍ରକ୍ରିୟା ଶେଷ କରି ଉଭୟ ସ୍ଥାନରୁ ୪ ଲକ୍ଷରୁ ଅଧିକ ଗଛ କଟାଯାଇଛି । ପରିବେଶଗତ ମୂଲ୍ୟାଙ୍କନ ଶେଷ ନ ହେବା ଯାଏ ଉଭୟ ସ୍ଥାନରେ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ବନ୍ଦ କରିବାକୁ ଫିନ୍ଲାଣ୍ଡର ଲାଇସେନ୍ସ ଓ ପର୍ଯ୍ୟବେକ୍ଷଣ କର୍ତ୍ତୃପକ୍ଷ ଗୁଗଲ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କାର୍ଯ୍ୟରେ ଗଛକଟା ଓ ଉପର ମଉକା ହଟାଇବା, ସେଠାକୁ ପହଞ୍ଚ ଲାଗି ରାସ୍ତା ନିର୍ମାଣ ଓ ଅନ୍ୟ ପରିବର୍ତ୍ତନ ସାମିଲ, ଯାହା ଆବଶ୍ୟକ ମୂଲ୍ୟାଙ୍କନ ପୂର୍ବରୁ ପରିବେଶର ବଡ଼ କ୍ଷତି କରିପାରେ । ଫିନ୍ଲାଣ୍ଡର ଲାଇସେନ୍ସ ଓ ପର୍ଯ୍ୟବେକ୍ଷଣ କର୍ତ୍ତୃପକ୍ଷର ପରିବେଶ ବିଭାଗ ମୁଖ୍ୟ ଟୋମି ମୁଇଲୁ ଏହା କହିଛନ୍ତି ।

କାନାଡାର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଗୋଲ୍ଡି ବ୍ରାର,ମୁଣ୍ଡ ଉପରେ ୨.୫ ଲକ୍ଷ ଡଲାର ପୁରସ୍କାର

ନୂଆଦିଲ୍ଲୀ, ୨୧/୧୧: ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋୟୀର ସହଯୋଗୀ ଗୋଲ୍ଡି ବ୍ରାର୍ ଉପରେ କାନାଡା ସରକାର ୨.୫୦ ଲକ୍ଷ ଡଲାର (ପ୍ରାୟ ୧.୬୨ କୋଟି ଟଙ୍କା)ର ପୁରସ୍କାର ଘୋଷଣା କରିଛନ୍ତି । ତାକୁ ଧରାଇଦେବାରେ ସହାୟତା କିମ୍ବା ତା' ବାବଦରେ ଠୋସ ସୂଚନା ଦେଲେ ଏହି ପୁରସ୍କାର ଦିଆଯିବ। ସତୀନ୍ଦରଜିତ ସିଂହ ଓରଫ ଗୋଲ୍ଡି ବ୍ରାରକୁ କାନାଡାର ମୋଷ୍ଟ ୱାଣ୍ଟେ ଡ୍ ତାଲିକାର ସବା ଉପରେ ରଖାଯାଇଛି । ଭାରତରୁ ଫେରାର ପରେ ଗୋଲ୍ଡି କାନାଡା ପଳାୟନ କରିଥିଲା । ଏବେ ସେଠାକାର



ମୋଷ୍ଟ ୱାଣ୍ଟେଡ୍ ପଳାତକ ତାଲିକାରେ ସେ ସବା ଉପରେ ରହିଛି । ପଞ୍ଜାବୀ ସିଙ୍ଗର ସିଦ୍ଧୁ ମୁସେୱାଲାଙ୍କ ହତ୍ୟା ସମେତ ଅନେକ ସଙ୍ଗିନ ଅପରାଧିକ ମାମଲାରେ

ସମ୍ପାଦକୀୟ

କୋଶଳ ସମ୍ବାଦ
ରବିବାର ୨୨ ନଭେମ୍ବର ୨୦୨୬

ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର : ବିକାଶର ମୂଳ ଆଧାରକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ



ପ୍ରଫୁଲ୍ଲ ରୋହିଦାସ
ସଂପାଦକ- କୋଶଳ ସମ୍ବାଦ
ଉଜ୍ଜ୍ୱଳପୁର ସୁନ୍ଦରଗଡ଼

ଆଜିର ସମାଜରେ ବିକାଶର ଚିତ୍ର କେବଳ ବଡ଼ ବଡ଼ ରାସ୍ତା, ଉଚ୍ଚ ଅଟ୍ଟାଳିକା, ନୂତନ ପ୍ରକଳ୍ପ, ଶିଳ୍ପାୟନ କିମ୍ବା ଆଧୁନିକ ସହର ନିର୍ମାଣରେ ସୀମିତ ରହିବା ଉଚିତ ନୁହେଁ। ଏକ ରାଜ୍ୟ କିମ୍ବା ଦେଶର ପ୍ରକୃତ ବିକାଶ ସେତେବେଳେ ସଫଳ ହୁଏ, ଯେତେବେଳେ ସାଧାରଣ ଲୋକଙ୍କ ଜୀବନରେ ସୁଖ, ସୁବିଧା, ସୁରକ୍ଷା, ଆର୍ଥିକ ସ୍ୱାବଲମ୍ବନତା ଓ ସମାନ ସୁଯୋଗ ଆସିଥାଏ। ବିକାଶର ମୂଳ ଉଦ୍ଦେଶ୍ୟ ମଣିଷର ଜୀବନକୁ ସରଳ, ସୁନ୍ଦର ଓ ସମ୍ମାନଜନକ କରିବା। ତେଣୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର ଭଳି ମୌଳିକ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦେବା ଆଜିର ସମୟର ଆବଶ୍ୟକତା।

ଶିକ୍ଷା ହେଉଛି ଏକ ସୁସ୍ଥ, ସଚେତନ ଓ ଉନ୍ନତ ସମାଜ ଗଠନର ପ୍ରଥମ ପାହାଚ। ଶିକ୍ଷିତ ନାଗରିକ ନିଜର ଅଧିକାର, କର୍ତ୍ତବ୍ୟ ଓ ସାମାଜିକ ଦାୟିତ୍ୱ ବିଷୟରେ ସଚେତନ ହୋଇଥାନ୍ତି। ଶିକ୍ଷା ମଣିଷକୁ କେବଳ ଚାକିରି ପାଇବାର ଯୋଗ୍ୟ କରେ ନାହିଁ, ବରଂ ତାଙ୍କର ଚିନ୍ତାଧାରା, ନିଷ୍ପତ୍ତି ନେବାର କ୍ଷମତା ଓ ସମାଜ ପ୍ରତି ଦାୟିତ୍ୱବୋଧକୁ ମଧ୍ୟ ବିକଶିତ କରିଥାଏ। ଆଜି ଶିକ୍ଷା କ୍ଷେତ୍ରରେ ଅନେକ ଉନ୍ନତି ହୋଇଥିଲେ ମଧ୍ୟ ଗ୍ରାମାଞ୍ଚଳର ଅନେକ ବିଦ୍ୟାଳୟରେ ଶିକ୍ଷକ ଅଭାବ, ଶ୍ରେଣୀଗୃହର ଅଭାବ, ପାଠାଗାର, ପରୀକ୍ଷାଗାର ଓ ଡିଜିଟାଲ୍ ଶିକ୍ଷା ସୁବିଧାର ଅଭାବ ଦେଖାଯାଉଛି। ଅନେକ ଗରିବ ପରିବାରର ପିଲାମାନେ ଆର୍ଥିକ ସମସ୍ୟା ଯୋଗୁଁ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି।

ଶିକ୍ଷାର ସୁଯୋଗ ସମସ୍ତଙ୍କ ପାଇଁ ସମାନ ହେବା ଉଚିତ। ଧନୀ ପରିବାରର ପିଲାମାନେ ଉନ୍ନତ ଶିକ୍ଷା ପାଇବେ ଏବଂ ଗରିବ ପରିବାରର ପିଲାମାନେ ଆବଶ୍ୟକ ସୁବିଧା ଅଭାବରୁ ପଛରେ ରହିଯିବେ— ଏଭଳି ବ୍ୟବସ୍ଥା ଏକ ସୁସ୍ଥ ସମାଜର ପରିଚୟ ହୋଇପାରିବ ନାହିଁ। ଶିକ୍ଷାର ମାନ ଉନ୍ନତ କରିବା ସହ ଗରିବ ଓ ମଧ୍ୟବିତ୍ତ ପରିବାରର ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ସହାୟତା, ବୃତ୍ତି ଓ ଉଚ୍ଚଶିକ୍ଷାର ସୁଯୋଗ ଦେବା ଆବଶ୍ୟକ। ଆଧୁନିକ ଯୁଗରେ କେବଳ ପାଠ୍ୟପୁସ୍ତକର ଜ୍ଞାନ ଯଥେଷ୍ଟ ନୁହେଁ; ବୈଷୟିକ ଶିକ୍ଷା, କମ୍ପ୍ୟୁଟର ଜ୍ଞାନ, ଦକ୍ଷତା ବିକାଶ, ଗବେଷଣା ଓ ବ୍ୟବହାରିକ ଶିକ୍ଷାକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ଦରକାର।

ସେହିପରି ସ୍ୱାସ୍ଥ୍ୟସେବା ହେଉଛି ମଣିଷର ମୌଳିକ ଅଧିକାର। ଜଣେ ଗରିବ ବ୍ୟକ୍ତି ଟଙ୍କା ଅଭାବରୁ ଚିକିତ୍ସା ନପାଇ ଜୀବନ ହରାଇବା କିମ୍ବା ଜଣେ ରୋଗୀ ଡାକ୍ତର ଅଭାବରୁ ଦୀର୍ଘ ସମୟ ଅପେକ୍ଷା କରିବା ଏକ ଚିନ୍ତାଜନକ ପରିସ୍ଥିତି। ଗ୍ରାମାଞ୍ଚଳରେ ଆଜି ମଧ୍ୟ ଅନେକ ସ୍ଥାନରେ ଡାକ୍ତର, ନର୍ସ, ଔଷଧ, ଆମ୍ବୁଲାନ୍ସ ଓ ଉନ୍ନତ ଚିକିତ୍ସା ସୁବିଧାର ଅଭାବ ରହିଛି। ରୋଗୀଙ୍କୁ ଛୋଟ ଚିକିତ୍ସା ପାଇଁ ମଧ୍ୟ ଦୂର ସହରକୁ ଯିବାକୁ ପଡୁଛି। ଏଥିରେ ଚିକିତ୍ସା ଖର୍ଚ୍ଚ ସହ ଯାତାୟାତ ଖର୍ଚ୍ଚ ଓ ସମୟ ମଧ୍ୟ ଅଧିକ ବ୍ୟୟ ହେଉଛି।

ସରକାର ନୂତନ ହସ୍ପିଟାଲ୍ ଓ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରୁଥିବା ସହ ଅନେକ ଯୋଜନା ଘୋଷଣା କରୁଛନ୍ତି। କିନ୍ତୁ କେବଳ ଭବନ ନିର୍ମାଣ କରିଦେଲେ ସ୍ୱାସ୍ଥ୍ୟସେବାର ସମସ୍ୟା ସମାଧାନ ହୋଇପାରିବ ନାହିଁ। ସେଠାରେ ଆବଶ୍ୟକ ଡାକ୍ତର, ନର୍ସ, ଔଷଧ, ଆଧୁନିକ ଯନ୍ତ୍ରପାତି ଓ ନିୟମିତ ସେବା ଉପଲବ୍ଧ ହେବା ଦରକାର। ଗର୍ଭବତୀ ମହିଳା, ଶିଶୁ, ବୃଦ୍ଧ ଓ ଗୁରୁତର ରୋଗୀଙ୍କ ପାଇଁ ତୁରନ୍ତ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ। ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରୀ ବ୍ୟବସ୍ଥା ମଜବୁତ ହେଲେ ସାଧାରଣ ଲୋକଙ୍କ ଉପରେ ଘରୋଇ ଚିକିତ୍ସାର ଆର୍ଥିକ ବୋଝ ମଧ୍ୟ କମିପାରିବ।

ଆଜିର ଯୁବପିଢ଼ିଙ୍କ ସମ୍ମୁଖରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ରୋଜଗାର। ପ୍ରତିବର୍ଷ ହଜାର ହଜାର ଛାତ୍ରଛାତ୍ରୀ ଶିକ୍ଷା ସମାପ୍ତ କରି ଚାକିରି ଅନ୍ୱେଷଣରେ ବାହାରୁଛନ୍ତି। ଡିଗ୍ରୀ ହାସଲ କରିବା ପରେ ମଧ୍ୟ ଯୋଗ୍ୟତା ଅନୁଯାୟୀ କାମ ନମିଳିବା, ସରକାରୀ ନିଯୁକ୍ତି ପାଇଁ ଦୀର୍ଘ ପ୍ରତୀକ୍ଷା, ବେସରକାରୀ କ୍ଷେତ୍ରରେ କମ୍ ଦରମା ଓ ଚାକିରିର ଅନିଶ୍ଚିତତା ଯୁବସମାଜକୁ ନିରାଶ କରୁଛି। ଅନେକ ଯୁବକ ନିଜ ଜନ୍ମମାଟି ଛାଡ଼ି ଅନ୍ୟ ରାଜ୍ୟକୁ ଯାଇ କାମ କରିବାକୁ ବାଧ ହେଉଛନ୍ତି।

ଓଡ଼ିଶା ଭଳି ଏକ ସମ୍ଭାବନାପୂର୍ଣ୍ଣ ରାଜ୍ୟରେ ଶିଳ୍ପ, କୃଷି, ପର୍ଯ୍ୟଟନ, ଖଣିଜ ସମ୍ପଦ, ହସ୍ତଶିଳ୍ପ ଓ ଛୋଟ ବ୍ୟବସାୟର ବିକାଶ ମାଧ୍ୟମରେ ବହୁ ରୋଜଗାର ସୁଯୋଗ ସୃଷ୍ଟି କରାଯାଇପାରିବ। କେବଳ ବଡ଼ ଶିଳ୍ପ ପ୍ରତିଷ୍ଠାନ ନୁହେଁ, ଛୋଟ ଓ ମଧ୍ୟମ ଉଦ୍ୟୋଗକୁ ମଧ୍ୟ ଉତ୍ସାହିତ କରିବା ଦରକାର। ଗ୍ରାମାଞ୍ଚଳରେ କୃଷିଭିତ୍ତିକ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ହସ୍ତତନ୍ତ, ହସ୍ତଶିଳ୍ପ ଓ ନୂତନ ବ୍ୟବସାୟକୁ ଆର୍ଥିକ ସହାୟତା ଦିଆଗଲେ ସ୍ଥାନୀୟ ସ୍ତରରେ ରୋଜଗାର ସୃଷ୍ଟି ହୋଇପାରିବ। ଯୁବକମାନେ ନିଜ ଅଞ୍ଚଳରେ ରହି କାମ କରିବାର ସୁଯୋଗ ପାଇଲେ ପରିବାର ଓ ସମାଜର ଆର୍ଥିକ ସ୍ଥିତି ମଧ୍ୟ ମଜବୁତ ହେବ।

ଖରାପ ଜୀବନଶୈଳୀ ଡାକିଆଣେ ରୋଗ



ଡାକ୍ତର ବିଜୟ କେତନ ଦାସ

ଆମ ଭିତରେ ଅନେକ ଅଛନ୍ତି ଯେଉଁମାନେ ଭାବନ୍ତି ସେମାନେ ଶରୀରରେ ଯେଉଁ ରୋଗର କଷ୍ଟ ପାଇଥାନ୍ତି ସେ ସବୁ ଈଶ୍ୱର ପ୍ରଦତ୍ତ। କିଏ ଧର୍ମଦଣ୍ଡ କୁହେ, କିଏ କର୍ମଦଣ୍ଡ ମଧ୍ୟ କହିଥାଏ। ତେବେ ଆମ ଶରୀରର ସଂରଚନା ଭଗବାନଙ୍କ ସୃଷ୍ଟିରେ ଏପରି ଏକ ବିରଳ ସୃଷ୍ଟି ଯାହାର କର୍ତ୍ତା, କାରକ, ପାଳକ ଓ ତତ୍ତ୍ୱାବଧାରକ ଆମେ ନିଜେ। ଏକ ଦାର୍ଶନିକ ତତ୍ତ୍ୱ ଅନେକ ସମୟରେ ଅନେକଙ୍କ ଆଦୋଳିତ କରିଥାଏ ତାହା ହେଉଛି - 'ମଣିଷ ପାଇଁ ଖାଦ୍ୟ, ନାଁ ଖାଦ୍ୟ ପାଇଁ ମଣିଷ' ? ଆମ ଭିତରୁ ଅନେକ ଅଛନ୍ତି ଯେଉଁମାନେ ଖାଦ୍ୟପ୍ରେମୀ। ଖାଦ୍ୟକୁ ଆନନ୍ଦର ସହିତ ଖାଇବା ଆଦୌ ଖରାପ ଅଭ୍ୟାସ ନୁହେଁ। ତେବେ ନିର୍ଦ୍ଧାରିତ, ନିୟମିତ ଓ ଶରୀର ଉପଯୋଗୀ ତଥା ସମୟ ଉପଯୋଗୀ ଖାଦ୍ୟ ହିଁ ଏକ ଦିବ୍ୟ ସ୍ୱାସ୍ଥ୍ୟପ୍ରଦ ଶରୀରର କାରକ ହୋଇଥାଏ। ଆମେ ନିତିଦିନ ଯାହା ଖାଇଥାଉ ତାହା ଆମ ଶରୀରରେ ଶକ୍ତିରେ ପରିଣତ ହୋଇଥାଏ। ଏହି ପ୍ରକ୍ରିୟାକୁ 'ମେଟାବୋଲିଜିମ୍' କୁହାଯାଏ। ଚିକିତ୍ସା ବିଜ୍ଞାନରେ ଏହି ମେଟାବୋଲିଜିମ୍ ଏକ ଶାରୀରିକ ପ୍ରକ୍ରିୟା ଯାହା ମାଧ୍ୟମରେ ଆମ ଶରୀର ଖାଦ୍ୟକୁ ଶକ୍ତିରେ ପରିଣତ କରେ। ଆମ ମାନଙ୍କ ଶରୀର ପ୍ରତିଦିନ ଯେଉଁପରି କାର୍ଯ୍ୟକ୍ଷମ ଓ ବ୍ୟସ୍ତପୂର୍ଣ୍ଣ ଭାବେ ଅନବରତ କର୍ମ କରିଚାଲିଥାଏ ଏହା ନିମିତ୍ତ ପାଚନ କ୍ରିୟା ଠାରୁ ରକ୍ତ ସଞ୍ଚାଳନ ଓ ହରମୋନ ସନ୍ତୁଳନ ସବୁ କ୍ଷେତ୍ର ପାଇଁ ପର୍ଯ୍ୟାପ୍ତ ଶକ୍ତି ଦରକାର ଯାହାକି ଆମେ ଖାଉ ଥିବା ଖାଦ୍ୟରୁ ହିଁ ମିଳିଥାଏ। ଯଦି ଆମ ଶରୀରର ମେଟାବୋଲିଜିମ୍ ଠିକ ଭାବେ କାର୍ଯ୍ୟ କରୁନାହିଁ ତେବେ ଏହା ମାଂସପେଶୀରେ ଶୀଥିଳତା, ଶୁଷ୍କ ଚର୍ମ, ଦୁର୍ବଳତା, ଥକ୍କାପଣ, ଓଜନବୃଦ୍ଧି ଓ ଗଣ୍ଠିବିନ୍ଧା ଭଳି ସମସ୍ୟା ସୃଷ୍ଟି କରିଥାଏ। ତେଣୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସୁସ୍ଥ ଓଜନ ହାସଲ, ରୋଗପ୍ରତିରୋଧ ଓ ଶରୀର କ୍ଷମତା ବୃଦ୍ଧି ପାଇଁ ସୁସ୍ଥ ମେଟାବୋଲିଜିମ୍‌କୁ ବଜାୟ ରଖିବା। ଆଜିକାଲି ସକାଳୁ ରାତି ପର୍ଯ୍ୟନ୍ତ ସମସ୍ତେ ବ୍ୟସ୍ତ। ସମସ୍ତଙ୍କ ଜୀବନ ଏକ ପ୍ରକାର ଧାଁ ଧଉଡ଼ ଜୀବନଶୈଳୀ ଭିତରେ ବନ୍ଧା। ଏହି ଜୀବନ ଶୈଳୀ ଅଭ୍ୟାସ ଶରୀରର ମେଟାବୋଲିଜିମ୍‌କୁ ମନ୍ଥର କରିଦେଉଛି। ଏଇଠି ଅନେକ ଗୁରୁତ୍ୱପୂର୍ଣ୍ଣ କଥା ଭୁଲି ଯାଉଛନ୍ତି ତାହା ହେଉଛି ମେଟାବୋଲିଜିମର ମନ୍ଥରତା ସମଗ୍ର ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ। ଏହାର ମୁକାବିଲା ଲାଗି ଆମେ ସଜାଗ ହେବା ଜରୁରୀ। ସର୍ବପ୍ରଥମେ ଗୁରୁତ୍ୱ ଦିଅନ୍ତୁ କ୍ୟାଲୋରୀ କ୍ଷେତ୍ରକୁ। ଅନେକଙ୍କର ଏକ ଧାରଣା ରହିଛି ଯେ ଓଜନ କମ କରିବା ପାଇଁ କ୍ୟାଲୋରୀ ପରିମାଣ କମାଇବା ଦରକାର। ଫଳସ୍ୱରୂପ ନିଜର ଓଜନ କମାଇବା ଲାଗି ଅନେକ ପ୍ରାୟତଃ ସେମାନଙ୍କର ନିୟମିତ ବା ଯଥେଷ୍ଟ ଖାଦ୍ୟ ଖାଆନ୍ତି ନାହିଁ। ଫଳସ୍ୱରୂପ ମେଟାବୋଲିଜିମ ମନ୍ଥର ହୋଇଯାଏ। ଅଧିକ କ୍ୟାଲୋରୀ କମାଇବା ଶରୀର ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଥାଏ। ଏ କ୍ଷେତ୍ରରେ ଶରୀରକୁ ଏବଂ ଓଜନକୁ ଲକ୍ଷ୍ୟ ରଖି କ୍ୟାଲୋରୀର ଭାରସାମ୍ୟ ରଖନ୍ତୁ। ନିୟମିତ ବ୍ୟାୟାମ ମଧ୍ୟ ଲାଭଦାୟକ।

ଆମେ ପ୍ରତିଦିନ ଯେତିକି ପରିମାଣର ଖାଦ୍ୟ ଖାଇଥାଉ ଓ କର୍ମବ୍ୟସ୍ତ ରହିଥାଉ ଏହାକୁ ଦୃଷ୍ଟିରେ ରଖି ଶରୀର ନିର୍ଦ୍ଦିଷ୍ଟ ମାତ୍ରାର ପାଣି ଆବଶ୍ୟକ କରିଥାଏ। ଯଥେଷ୍ଟ ପାଣି ନପିଇବା ମେଟାବୋଲିଜିମ ଉପରେ ଖରାପ ପ୍ରଭାବ ପକାଇଥାଏ। ତେଣୁ ଦିନ ତମାମ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ବିଶୋଧିତ ପାଣି ପିଅନ୍ତୁ। ନଖ ଉଷୁମ ପାଣି ଆହୁରି ଭଲ ଏହା ସହିତ ଆପଣଙ୍କ ଖାଦ୍ୟ ତାଲିକାରେ ତରଭୁଜ, ପିଜୁଳି ଓ ସେଓ ଭଳି ଖାଦ୍ୟ ଯୋଡ଼ନ୍ତୁ, ଯାହାକି ଆପଣଙ୍କୁ ସ୍ୱତନ୍ତ୍ର ଭାବେ ଖାଦ୍ୟ ସହିତ ପ୍ରାକୃତିକ ଭାବେ ଅଧିକ ପାଣି ପ୍ରଦାନ କରିଥାଏ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଟି ହେଉଛି ମିଠା ପାନୀୟ। ଆମ ଭିତରେ ଅନେକଙ୍କୁ ଖାଦ୍ୟ ଯେତେ ଆକର୍ଷଣୀୟ ନ ଲାଗିଥାଏ ବରଂ ପାନୀୟ ସେମାନଙ୍କୁ ରୁଚିକର ହୋଇଥାଏ। ମିଠା ପାନୀୟ, କୋଲଡ୍ରିଙ୍କସ୍ ସ୍ୱାଦ ଦୃଷ୍ଟିରୁ ପାଟିକୁ ଭଲ ଲାଗିପାରେ ହେଲେ ଏଗୁଡ଼ିକ ମେଟାବୋଲିକ ହାର ଉପରେ ଖରାପ ପ୍ରଭାବ ପକାଇଥାଏ। ଏହି ପାନୀୟରେ ଥିବା 'ଫ୍ରୁକ୍ଟୋଜ୍' ତତ୍ତ୍ୱ ଆପଣଙ୍କ ମେଟାବଲିକ ହାର କମାଇ ଓଜନ ବୃଦ୍ଧିରେ ସହାୟକ ହୋଇପାରେ। କେବଳ ସେତିକି ନୁହେଁ ଏହା ଆପଣଙ୍କ ପେଟ ଓ ଯକୃତରେ ଚର୍ବି ଜମା କରିଥାଏ ଫଳସ୍ୱରୂପ ପରବର୍ତ୍ତୀ ସମୟରେ ଆପଣ ପେଟ ସମ୍ବନ୍ଧୀୟ ରୋଗର ସହଜ ଶିକାର ହୋଇଥାନ୍ତି। ଖରାପ ଜୀବନଶୈଳୀକୁ କିପରି ଏଡ଼ାଇ ଏକ ଭଲ ସୁସ୍ଥ ଜୀବନ ବିତାଇବା ଆସନ୍ତୁ ଏ ସମ୍ପର୍କରେ ଆଲୋଚନାଟି ରଖିବା। ନିଜର ଘରକାମ, କାର୍ଯ୍ୟକ୍ଷେତ୍ର, ଦାୟିତ୍ୱ ସବୁକି ଦେଖି ନିଜ ପାଇଁ ଏକ ଭଲ ରୁଟିନ ତିଆରି କରନ୍ତୁ। ସକାଳୁ ଉଠନ୍ତୁ କିଛି ଶାରୀରିକ ବ୍ୟାୟାମ ସହିତ ଯୋଡ଼ି ହୁଅନ୍ତୁ, ସୁଷମ ଖାଦ୍ୟ ନିରାମିଷ ଖାଦ୍ୟ ସବୁଠାରୁ ଭଲ, ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ, ଶରୀର ପାଇଁ ଆବଶ୍ୟକ ହେଉଥିବା ପ୍ରୋଟିନଯୁକ୍ତ ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ। ଶରୀରର ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଏନଜାଇମ, ମାଂସପେଶୀ, ଚର୍ମ, ହରମୋନ ଓ ଶରୀର ବିଭିନ୍ନ ତନ୍ତୁ ପାଇଁ ପ୍ରୋଟିନ ଜରୁରୀ। ସେହିପରି ଖାଦ୍ୟରେ ପ୍ରୋଟିନର ଅଭାବ ଶରୀରର ମେଟାବୋଲିଜିମ ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ବର୍ତ୍ତମାନର ସମୟ ହେଉଛି ଡିଜିଟାଲର ସମୟ। ସମସ୍ତଙ୍କ ହାତରେ ସ୍ମାର୍ଟ ଫୋନ। ହାତ ଆଗରେ ସମସ୍ତେ ଯାହା ଚାହୁଁଛନ୍ତି ଜାଣିବା ଠାରୁ ମନୋରଞ୍ଜନ ସବୁକିଛି ପାଇପାରୁଛନ୍ତି। ଅଧିକାଂଶ ସମୟ ମୋବାଇଲରେ ବିତୁଛି। ଏହା ସହିତ ଅନେକ ଲୋକ ସେମାନଙ୍କର କାମ ପାଇଁ ଘଣ୍ଟା ଘଣ୍ଟା ବସି ରହିବାକୁ ବାଧ ହୁଅନ୍ତି। ବିନା ଶାରୀରିକ କାର୍ଯ୍ୟକଳାପରେ ଦୀର୍ଘ ସମୟ ବସି ରହିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଅନେକ ଅଭିଯୋଗ କରନ୍ତି ଆମ ଜୀବନ ଏତେ ବ୍ୟସ୍ତପୂର୍ଣ୍ଣ ଯେ ଆମକୁ ବ୍ୟାୟାମ ଟିକେ କରିବା ପାଇଁ ଫୁରସତ ମିଳୁନାହିଁ। ଶରୀର ଖାଦ୍ୟ ପାଉଛି, ପାନୀୟ ପାଉଛି, ବିଶ୍ରାମ ମଧ୍ୟ ପାଉଛି ହେଲେ ବ୍ୟାୟାମକ ପାଇଁ ସମୟ ପାଉନାହିଁ। ଏହା ମେଟାବୋଲିଜିମ ଓ ସମଗ୍ର ସୁସ୍ଥତା ଉପରେ ନକରାତ୍ମକ ପ୍ରଭାବ ପକାଏ। ତେଣୁ ଏ କ୍ଷେତ୍ରରେ ଆପଣଙ୍କ ଶରୀରକୁ ସୁସ୍ଥ ରଖିବା ଦାୟିତ୍ୱ ଅତିବ ଗୁରୁତ୍ୱପୂର୍ଣ୍ଣ।

+ଏମ୍,ଡ଼ି.ଏମ୍,
(ଏଣ୍ଡୋକ୍ରାଇନୋଲୋଜି), ବିଶେଷଜ୍ଞ
ଅନ୍ତଃସ୍ରାବୀ ରୋଗ (ହରମୋନ) ଚିକିତ୍ସକ
ସହକାରୀ ପ୍ରଫେସର, ଅନ୍ତଃସ୍ରାବୀ ରୋଗ
ବିଭାଗ, କିମ୍ସ ପିବିଏମ୍ ଏଚ ଏବଂ ଏସ୍,
ଭୁବନେଶ୍ୱର,
ମୋ : ୮୭୩୬୮୪୩୮୩



କବିତା ବିଭାଗ

ନିର୍ବାଣ

କବି କେଶବ ଚନ୍ଦ୍ର ନାୟକ



ଗୋଡେଇଛି ଯମ
ମୋ ପଛେ ପଛେ
ମୁଁ କେତେ ଦୂର ଧାଇଁବି
ବଞ୍ଚାଇବାକୁ ପ୍ରାଣ....!!

ବୟସ ଯେମିତି ବଢୁଛି
ଦୁରାରୋଗ୍ୟ ମୋ ଭିତରେ ବଢୁଛି
ବଟିକା ଗିଳି ଗିଳି
ଚିକିତ୍ସା କରି କରି କ୍ଲାନ୍ତ.....!!

ମନର ସବୁ ଆଶା ମଉଳି ଗଲା ପରେ
କଣ ଅଛି: ଜୀଇଁବାର ରାହା...
ଦିନେ ନା ଦିନେ ଯିବାକୁ ହେବ
ଏହି ଇନିଚ୍ଛାକୃ ପଥରେ
ଯୋଉମାନେ ଆସିଥିଲେ ସବୁ
ଏକ ପରେ ଅନେକ ଗଲେଣି.....!!

ବେଳେ ବେଳେ ଅବଶୋଷ ଲାଗେ
ଜୀବନକୁ ନେଇ.....
ଜୀବନ ସତରେ ଏକ ଯନ୍ତ୍ରଣା ପୂର୍ଣ୍ଣ
ତଥାପି ମଣିଷ ଭିତରେ
ସେଇ ଅହଂକାର ପ୍ରବୃତ୍ତି ଜୀବିତ.....!!

ମୋହ ମାୟା ବନ୍ଧନ ଭିତରେ
ଜଡ଼ିତ ହୋଇ ହୋଇ
କେବେ ଜଡ ହୋଇ ଯିବ
ଆଉ ଏତେ ବଡ ଦେହଟା
ମୁଠାଏ ପାଉଁଶ ହୋଇଯିବ
ମାଟିରେ ମିଶି
ହରାଇବ ଚିହ୍ନ ବର୍ତ୍ତ....!!

ଯମ ବୋଧେ ପାଖେଇ ଆସିଲାଣି
ମୁଁ ଏବେ ନିରବ ନିଶ୍ଚଳ
ଧାଇଁ ପାରୁନି ପୂର୍ବ ପରି
ଜୀଇଁବାର ଅଭିଳାଷ ନେଇ
କ୍ଲାନ୍ତ ଶରୀରେ ଅପେକ୍ଷା କରିଛି
ମୋ ରୋଗ ଶଯ୍ୟାରେ.....!!

ଡାକ୍ତର ପରାମର୍ଶ
ଆଧୁନିକ ଚିକିତ୍ସାର କରାମତି
ସବୁ ବିଫଳ ହେଲା ପରେ
ମୁଁ ଏବେ ଯମକୁ ଭୟ କରି
ଯିବି କୁଆଡ଼େ.....?

ଅପେକ୍ଷା କରିଛି
ଯମ କେବେ ଆସିବ ଓହ୍ଲାଇ
ଆକାଶ ମାର୍ଗରୁ
ମଇଁଷି ପିଠିରେ ବସି
ନେଇ ଯିବ ଏଇ ଅଦୃଶ୍ୟ ଆତ୍ମାକୁ
ତାହା ହିଁ ନିର୍ବାଣ ମୋ ପାଇଁ....!!

+ସଭାପତି,
ଉତ୍କଳ ସାହିତ୍ୟ ସଂସଦ,
ମାଲକାନଗିରି

ବୟସର ଅପରାହ୍ଣରେ ଜୀବନ ଯନ୍ତ୍ରଣା



ଅର୍ଜୁନ ଘଡ଼େଇ

ବୟସର ଅପରାହ୍ଣରେ ସ୍ୱପ୍ନ ସବୁ ଅସ୍ପଷ୍ଟ ଭାବନା ଭିତରେ ମିଛି ମିଛିକା ଲାଗନ୍ତି। ସ୍ପଷ୍ଟ ଜହ୍ନ ବି ଲାଗେ ଫିକା ଫିକା। ଏହା ବିବଶ ମନର ଭାବାନ୍ତର ମାତ୍ର। ବାସ୍ତବରେ ସେମିତି କିଛି ହୁଏନି ଯିଏ ଜୀବନର ରହସ୍ୟ ବୁଝିଛି ତାଙ୍କ ପାଇଁ। 'କାଳର ବଶେ ଏ ଜଗତ-ପ୍ରାଣୀ ଏ କାଳର ଆୟତ'। ସମୟର ପ୍ରଭାବ ଶରୀର, ମନ ଉପରେ ଅବଶ୍ୟ ପଡ଼ିବ। କିନ୍ତୁ ବିଜ୍ଞରବୋଧରେ ଏହାର ସତ୍ୟତା ଅନୁଭବ କରିବାପରେ ବୟସର ଅପରାହ୍ଣକୁ ନେଇ ବିବଶତା ସୃଷ୍ଟି ଆଦୌ ଗ୍ରହଣୀୟ କିମ୍ବା ଯୁକ୍ତିଯୁକ୍ତ ହୋଇନପାରେ। ମୋ ମତରେ କିଛି ଲୋକଙ୍କୁ ଅସମୟରେ, ବିଭିନ୍ନ କାରଣରୁ ଅକାଳ ବାର୍ଦ୍ଧକ୍ୟ ବି ଗ୍ରାସ କରେ। ତା ଅର୍ଥ କ'ଣ ସେମାନେ ଜୀବନର ସବୁ ସ୍ୱପ୍ନ ଭୁଲିଯିବେ ? ବୟସକୁ ନେଇ ବରିଷ୍ଠ, ବୟସ୍କ ବା ସିନିଅର୍ ସିଟିଜେନ୍ ଯାହା ଆମେ କହୁ, ସମ୍ମାନ, ଯତ୍ନ, ଆଦର ଯାହାକିଛି ପ୍ରଦର୍ଶନ କରୁ ତାହା ଏକ ସାମାଜିକ ବ୍ୟବସ୍ଥା। କିନ୍ତୁ ଅଣଷଠି ବୟସ ପର୍ଯ୍ୟନ୍ତ ଜଣେ ବ୍ୟକ୍ତିଙ୍କୁ ସାର୍ / ମହାଶୟ / ଆଜ୍ଞା ଭାବେ ସମ୍ବୋଧନ କରାଯାଉଥିବା ବ୍ୟକ୍ତି ହଠାତ୍ ଷାଠିଏ ପରେ ମଉସା / ମାଉସୀ ସମ୍ବୋଧନ କରି ତାକୁ ପରୋକ୍ଷରେ ଆମେ ବାର୍ଦ୍ଧକ୍ୟ ଆସିଗଲା ବୋଲି ସଚେତନ କରୁଛେ। ସମାଜର ଜଣେ ଅଦରକାରୀ, ଅନୁପଯୁକ୍ତ, ଅଗ୍ରହଣୀୟ ବ୍ୟକ୍ତି ଭାବରେ ବିବେଚନା କରୁଛେ। 'ଏପରି କର ନାହିଁ, ସେପରି କୁହ ନାହିଁ' ପରାମର୍ଶ ଦେଇ ଆମେ ସେଇ ବ୍ୟକ୍ତିମାନଙ୍କର ଚିନ୍ତାଧାରାକୁ, ଆଗକୁ ଗଲିବାର ମାନସିକତାକୁ ବାଧାପ୍ରାପ୍ତ କରୁଛେ। ଆମେ ଦେଖୁଛେ ଷାଠିଏ ବର୍ଷ ପରେ ବି ଅନେକ ବ୍ୟକ୍ତି ବେଶ୍ ଗତିଶୀଳ, କର୍ମତତ୍ପର ହେଉଛନ୍ତି। ତେଣୁ ମଣିଷର ବୟସ ପରିସଂଖ୍ୟାନ ଏକ ଗାଣିତିକ ବିଜ୍ଞର, ବିଜ୍ଞରବୋଧରେ ଏହାର ସତ୍ୟତା ନାହିଁ। ଅକର୍ମଣ୍ୟ, ସ୍ଥାଣୁ ନହେବା ପର୍ଯ୍ୟନ୍ତ ସେମାନଙ୍କୁ ବୟସ୍କ କହି ଅଣଦେଖା କରିବା ବି ଉଚିତ୍ ନୁହେଁ। ଯେଉଁମାନଙ୍କୁ ବି ଆମେ ବୟସ୍କ, ବରିଷ୍ଠ ଭାବେ ବିବେଚନା କରୁଛେ ନା ସେମାନଙ୍କୁ ଦେଇପାରୁଛେ ଆବଶ୍ୟକୀୟ ଯତ୍ନ ସମ୍ମାନ ନା ଆଦର। ସେମାନଙ୍

ବିକାଶ ସମାଜ

ରବିବାର ୨୨ ନଭେମ୍ବର ୨୦୨୬

ଝାରସୁଗୁଡ଼ାରେ ଆନ୍ତର୍ଜାତୀୟ ଝିଅ ଶିଶୁ ଦିବସ ପାଳିତ

ଝାରସୁଗୁଡ଼ା : ଝିଅ ଶିଶୁଙ୍କ ଅଧିକାର ସୁରକ୍ଷା, ମହିଳା ସଶକ୍ତିକରଣ, ବାଲ୍ୟ ବିବାହ ନିରାକରଣ ତଥା ବାଳିକାମାନଙ୍କୁ ଶିକ୍ଷିତ ଓ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଏବଂ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର ମିଳିତ ତତ୍ତ୍ୱାବଧାନରେ ଆଜି ସ୍ଥାନୀୟ ଗ୍ରିଭାନ୍ସ ହଲ୍ଲାରେ ଆନ୍ତର୍ଜାତୀୟ ଝିଅ ଶିଶୁ ଦିବସ ପାଳନ ଅବସରରେ ଏକ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଓ ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଝାରସୁଗୁଡ଼ାର ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ସବୁଜ ପତାକା ଦେଖାଇ ଏକ ବିଶାଳ ସଚେତନତା ରାଲିର ଶୁଭାରମ୍ଭ କରିଥିଲେ। ଏହି ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ବେହେରାମାଲ କିଷାନ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବେହେରାମାଲ ଆଶ୍ରମ ସ୍କୁଲ, ବ୍ରଜରାଜନଗର ଓପିଏମ୍ ଗାର୍ଲସ ହାଇସ୍କୁଲ, ଝାରସୁଗୁଡ଼ା ସରକାରୀ ହାଇସ୍କୁଲ ଏବଂ ପିଏମ୍ ଶ୍ରୀ ସରକାରୀ ହାଇସ୍କୁଲର ବହୁ ସଂଖ୍ୟକ ବାଳିକା ଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ପ୍ଲାକାର୍ଡ ଧରି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହା ସହିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଏସଇଏଚଏଡିଏ, ୱାନ୍ ଷ୍ଟପ୍ ସେଂଟର, ଶକ୍ତି ସଦନର କର୍ମକର୍ତ୍ତା, ଜିଲ୍ଲାର ସମସ୍ତ ସିଡିପିଓ, ମହିଳା ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀମାନେ ଏହି ରାଲିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ଗ୍ରିଭାନ୍ସ ହଲ୍ଲାରେ ଆୟୋଜିତ ସଚେତନତା ସଭାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ନାୟକ, ଶିଶୁ କଲ୍ୟାଣ ସମିତି ର ଅଧକ୍ଷ ସୁନନ୍ଦ ମହାରଣା, ସିଡବ୍ଲୁସି ସଦସ୍ୟା ସଂଯୁକ୍ତା ମହାପାତ୍ର ଏବଂ ସେହାଦାର ପ୍ରତିନିଧି ମନ୍ଦାକିନୀ ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଝିଅ ଶିଶୁଙ୍କ ସାନ୍ନିଧାନିକ ଅଧିକାର, ସୁରକ୍ଷା, ଉଚ୍ଚଶିକ୍ଷା, ଆତ୍ମନିର୍ଭରଶୀଳତା ଓ ମହିଳା ସଶକ୍ତିକରଣ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ।

ବକ୍ତାମାନେ ଉପସ୍ଥିତ ଛାତ୍ରୀ ଓ ବାଳିକାମାନଙ୍କୁ ନିଜର ଅଧିକାର ପ୍ରତି ସଚେତନ ହେବା ସହିତ ନିଜ ସୁରକ୍ଷା, ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରଶୀଳତା ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଆଜି ସ୍ଥାନୀୟ ଗ୍ରିଭାନ୍ସ ହଲ୍ଲାରେ ଆନ୍ତର୍ଜାତୀୟ ଝିଅ ଶିଶୁ ଦିବସ ପାଳନ ଅବସରରେ ଏକ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଓ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏଥିସହିତ ବାଲ୍ୟ ବିବାହ ନିଷେଧ ଆଇନ ଏବଂ ଜିଲ୍ଲାରେ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଓ ସରକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହା ସହିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଏସଇଏଚଏଡିଏ, ୱାନ୍ ଷ୍ଟପ୍ ସେଂଟର, ଶକ୍ତି ସଦନର କର୍ମକର୍ତ୍ତା, ଜିଲ୍ଲାର ସମସ୍ତ ସିଡିପିଓ, ମହିଳା ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀମାନେ ଏହି ରାଲିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।କାର୍ଯ୍ୟକ୍ରମ ଶେଷରେ ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ପାଇଁ ଉପସ୍ଥିତ ସମସ୍ତ ସଦସ୍ୟ ଓ ଛାତ୍ରୀମାନେ ଶପଥ ପାଠ କରିଥିଲେ।

ବଲାଙ୍ଗିରର ସାମଗ୍ରିକ ବିକାଶକୁ ନେଇ ବୁଦ୍ଧିଜିବିଙ୍କ ସହ ଆଲୋଚନା କଲେ ନରସିଂହ

ବଲାଙ୍ଗିର : ୨୦୧୪ ପରବର୍ତ୍ତି ସମୟରୁ ତତ୍କାଳିନ ବିଧାୟକ ତଥା ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ବଲାଙ୍ଗିର ବିକାଶର ରୋଡ ମ୍ୟାପ କିପରି ହେବ ସେ ନେଇ ସେ ପ୍ରତ୍ୟେକ ବର୍ଷ ଜିଲ୍ଲା ବୁଦ୍ଧିଜିବୀ, ବରିଷ୍ଠ ନାଗରିକ, ସଂଗଠନ, ସାମାଜିକ କର୍ମକର୍ତ୍ତାଙ୍କ ସହ ଆଲୋଚନା ମାଧ୍ୟମରେ ଲୋକଙ୍କ ଠାରୁ ବିଭିନ୍ନ ପ୍ରସ୍ତାବ ଆହ୍ୱାନ କରିଥିଲେ । ଏ ପରିପ୍ରେକ୍ଷୀରେ ୨୦୨୪ ମସିହାରେ ଯଦିଓ ସେ ନିର୍ବାଚନ ରାଜନୀତିରୁ ଦୂରେଇ ରହିଲେ କିନ୍ତୁ ଲୋକ ତଥା ଅଂଚଳର ବିକାଶ ପାଇଁ ସେ ସବୁବେଳେ କାର୍ଯ୍ୟ କରିବାର ପ୍ରତିଶୃତି ଦେଇଥିଲେ । ସେହି ପରିପ୍ରେକ୍ଷୀରେ ପୁଣିଥରେ ବଲାଙ୍ଗିରର ସମସ୍ତ ସାମାଜିକ ସଂଗଠନ, ବରିଷ୍ଠ ନାଗରିକ, ଛାତ୍ର ଯୁବକଙ୍କୁ ନେଇ ସ୍ଥାନୀୟ ହୋଟେଲ ସେଲିବ୍ରେସନରେ ଏକ ମତବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ଧର୍ମେନ୍ଦ୍ର ନନ୍ଦଙ୍କ ଆବହକତ୍ୱ ତଥା ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ର ଶିକ୍ଷା, ସ୍ୱାସ୍ଥ୍ୟ, ଆଇନ ଶୃଙ୍ଖଳା, ପରିବେଶ ପ୍ରଦୂଷଣ ଓ ଦୁର୍ନିତିକୁ ନେଇ ଲୋକେ ଭୋଗୁଥିବା ସମସ୍ୟା ଉପରେ ଉପସ୍ଥିତ ଜନସାଧାରଣ ଆଲୋଚନା କରିଥିଲେ । ଜିଲ୍ଲା ଶିକ୍ଷା ବିକାଶ ଫୋରମ ର ସଂପାଦକ ପୀତବାସ ପଣ୍ଡା, ସଦସ୍ୟ ଗୋପବନ୍ଧୁ ନାଥ, ଜିଲ୍ଲା ସିଭିଲ ସୋସାଇଟିର ସଂଯୋଜକ ମନୋରଂଜନ ସାହୁ, ସ୍ୱାଭିମାନ ମଂଚ ର ପ୍ରେମଚାନ୍ଦ ମହାନ୍ତ ପ୍ରମୁଖ ଶିକ୍ଷା ସମସ୍ୟାକୁ ନେଇ ଆଲୋଚନା ସହ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ବିଶେଷ କରି ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଶିକ୍ଷକ ଅଣଶିକ୍ଷକ ଅଭାବ ସମସ୍ୟା, ଗବେଷଣାତ୍ମକ କାର୍ଯ୍ୟ ଆରମ୍ଭ ନ ହେବା, ସଂସ୍କୃତ ମହାବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ନାମଲେଖାରେ ସ୍ଥାଣୁତା, ମହିଳା କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ଖୋଲିବା ଦିନଠୁ ଅଧ୍ୟାପକ ନିଯୁକ୍ତି ନ ହେବା, ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଡାକ୍ତର, ପ୍ରଫେସର ଅଭାବ, ଦାବି ମୁତାବକ ପିଜି ପାଠ୍ୟକ୍ରମ ନ ଖୋଲିବା ଇତ୍ୟାଦିକୁ ନେଇ ସଭାରେ ଘୋର ଉଦ୍ୱେଗ ପ୍ରକାଶ କରାଯାଇଥିଲା । ପ୍ରାଥମିକ ଶିକ୍ଷା ତଥା ଆହୁରି ଦୟନୀୟ । ପ୍ରାଥମିକ ସ୍କୁଲ ଓ ହାଇସ୍କୁଲ ଗୁଡିକ ଶିକ୍ଷକ କର୍ମଚାରୀ ଅଭାବ ଯୋଗୁଁ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡି ଯାଇଥିବାର ଅଭିଯୋଗ ବିଶେଷ କରି ଗ୍ରାମାଂଚଳ ଲୋକ କରୁଛନ୍ତି ବୋଲି ଆଲୋଚନା ହୋଇଥିଲା । ସ୍ୱାସ୍ଥ୍ୟ ସମସ୍ୟା ଆଲୋଚନା ବେଳେ ନାଗରିକ କମିଟି ସଭାପତି ଶ୍ରୀକର ମିଶ୍ର, ସ୍ୱାଭିମାନ ମଂଚ ରୁ ପ୍ରେମ ଚାନ୍ଦ ମହାନ୍ତି, ଶ୍ରୀମନ୍ତ ପଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ସଦର ମହକୁମା ହସ୍ପିଟାଲ ଓ ଭୀମଭୋଇ ମେଡିକାଲ କଲେଜ ର ସ୍ଥିତି ବହୁତ ଦୟନୀୟ ବୋଲି କହିଥିଲେ । ଗାଁ ତଥା ବ୍ଲକ ଅଂଚଳରେ ଥିବା ପିଏଚ୍ସି, ସିଏଚ୍ସି ତ ଦୂରର କଥା ସଦର ମହକୁମା ହସପିଟାଲ ଏବଂ ଭୀମଭୋଇ ମେଡିକାଲ ରେ ମଧ୍ୟ ଡାକ୍ତର ଅଭାବରୁ ଲୋକେ ଉତ୍ତମ ଚିକିତ୍ସା ପାଇପାରୁ ନାହାନ୍ତି । ସିଟିସ୍କେନ, ଏମ୍ଆରଆଇ ପାଇଁ ଲୋକଙ୍କୁ ଘରୋଇ ଡାକ୍ତରଖାନାକୁ ଯିବାକୁ ପଡିଛି । ମେଡିକାଲ କଲେଜର ନିଜସ୍ୱ ବ୍ଲଡବ୍ୟାଙ୍କ ନାହିଁ। ଜିଲ୍ଲାରେ ସ୍ୱାସ୍ଥ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଥିଲେ ହେଁ ଏ ସବୁ ସମସ୍ୟାର ସମାଧାନ କରିବା ପାଇଁ ସେମାନଙ୍କ ଆନ୍ତରିକତା ନାହିଁ ବୋଲି ବୁଦ୍ଧିଜିବିମାନେ କ୍ଷୋଭର ସହିତ କହିଥିଲେ । ଆଇନଶୃଙ୍ଖଳାକୁ ବାର ସଭାପତି ବାସୁଦେବ ରଥ ତଥା ବଣିକ ସଂଘର ସଂପାଦକ ଲଳିତ ଚୌଧୁରି ଘୋର ଉଦ୍ୱେଗ ପ୍ରକାଶ କରିଥିଲେ। ବଲାଙ୍ଗିରକୁ ଅବାଧରେ ନିଶାଦ୍ରବ୍ୟ ପ୍ରବେଶ କିପରି କରୁଛି ଏବଂ ତାହା ଯୋଗୁଁ ପ୍ରତ୍ୟେକ ଦିନ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବାର ଅଭିଯୋଗ କରିଥିଲେ । ଏହାର ସମାଧାନ ପାଇଁ ଉଚ୍ଚସ୍ତରୀୟ ପୋଲିସ ଅଧିକାରୀଙ୍କୁ ନେଇ ବଲାଙ୍ଗିରରେ ଏକ ବୈଠକ ବ୍ୟବସ୍ଥା କରନ୍ତୁ ବୋଲି ପୂର୍ବତନ ଆଇନମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ଉପସ୍ଥିତ ବୁଦ୍ଧିଜିବି ପ୍ରସ୍ତାବ ଦେଇଥିଲେ । ସାଗୁଆ ବଲାଙ୍ଗିର ଓ ଗ୍ରୀନ ୱାରିୟରଙ୍କ କାର୍ଯ୍ୟକୁ ଶ୍ରୀ ମିଶ୍ର ପ୍ରଶଂସା କରିବା ସହ ଏହାର ବରିଷ୍ଠ ସଭ୍ୟ ଜୟ ପୁରୋହିତ, ଲଳିତ ମେହେର ତଥା ଅନ୍ୟ ସଭ୍ୟଙ୍କ ବୃକ୍ଷରୋପଣକୁ ନେଇ କାର୍ଯ୍ୟକ୍ରମ ପାଇଁ ଏକ ଲକ୍ଷ ଟଙ୍କା ଅନୁଦାନ ନିଜେ ପ୍ରଦାନ କରିବେ ବୋଲି ଶ୍ରୀ ମିଶ୍ର ଘୋଷଣା କରିଥିଲେ । ପରିବେଶ ରକ୍ଷା ପାଇଁ ଲକ୍ଷ୍ମୀଯୋର ସଫେଇକରଣ ତଥା ସୌନ୍ଦର୍ଯିକରଣ ନିହାତି ଆବଶ୍ୟକ ଥିବା ଉପସ୍ଥିତ ବୁଦ୍ଧିଜିବିମାନେ ମତପ୍ରକାଶ କରିଥିଲେ । ଦୁର୍ନିତିକୁ ନେଇ ଉଦାହରଣ ଦେଇ ବଲାଙ୍ଗିର ବ୍ଲକ ସଦାଇପାଲିର ରାସ୍ତା କାମରେ ବ୍ଲକ କର୍ତ୍ତୃପକ୍ଷ ତଥା ଜନପ୍ରତିନିଧି କିପରି ୫ଲକ୍ଷ ଟଙ୍କାର ରାସ୍ତା କାମକୁ ସମ୍ପୂର୍ଣ୍ଣ ଭାବେ ବାଟମାରଣା କରିଛନ୍ତି ଏବଂ ଏହାକୁ ନେଇ ପୋଲିସ ଏଫ୍ଆଇଆର ହେବା ସତ୍ତ୍ୱେ ଦୁର୍ନିତିଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟନୁଷ୍ଠାନ ହେଉନାହିଁ ତାର ଉଦାହରଣ ସହ ସୂଚନା ଶ୍ରୀ ମିଶ୍ର ଦେଇଥିଲେ । ଶ୍ରୀ ମିଶ୍ର ଏ ସମସ୍ୟାମାନଙ୍କୁ ନେଇ ବଲାଙ୍ଗିର ର ବୁଦ୍ଧିଜିବି, ସାମାଜିକ କର୍ମକର୍ତ୍ତା, ସଂଗଠନମାନଙ୍କର ଏକ ପ୍ରତିନିଧି ମଣ୍ଡଳିକୁ ନେଇ ଏକ କମିଟି ଗଠନ କରାଯିବା ବୋଲି ଆସିଥିବା ପ୍ରସ୍ତାବକୁ ଶିଘ୍ର କାର୍ଯ୍ୟକାରୀ କରିବାକୁ ପ୍ରତିଶୃତି ଦେଇଥିଲେ ଏବଂ ସମସ୍ୟା ସମ୍ବନ୍ଧୀୟ ସମସ୍ତ ବିଭାଗ ସହ ଏହି ପ୍ରତିନିଧି ମଣ୍ଡଳି ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଆଲୋଚନା ଏବଂ ଯଦି ସଫଳ ନ ହେଲେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଶ୍ରୀ ମିଶ୍ର କହିଥିଲେ । ଏହି ଆଲୋଚନା ସଭାରେ ବଲାଙ୍ଗିରର ବର୍ଷିୟାନ ନାଗରିକ ଶିକ୍ଷାବିତ୍ ମଧୁସୁଦନ ପତି, ବଣିକ ସଂଘର କିଶୋର ରଥ, ପ୍ରକାଶ ଦାଶ, ଧର୍ମେନ୍ଦ୍ର ଝା, ରୁଦ୍ରଦେବ ପ୍ରଧାନ, ନାଗରିକ କମିଟି ସଂପାଦକ ମଧୁସୁଦନ ନାୟକ, ବିରେନ୍ଦ୍ର ବନଛୋର, ବିରଂଚି ବହିଦାର, ଡ. ବିପିନ ମିଶ୍ର, ଅଙ୍କୁଶ ପାଣ୍ଡିଆ, ଡା. ମଂଜୁବାଳା ପଣ୍ଡା, ଛାତ୍ର ନେତା ଚିନ୍ମୟ ବେହେରା, ଆୟୁର୍ବେଦିକ କଲେଜ ଛାତ୍ର ସଂସଦ ଉପସଭାପତି ଅଭିଷେକ ରଥଙ୍କ ସମେତ ସହସ୍ରାଧିକ ବୁଦ୍ଧିଜିବି, ସଂଗଠନ ଉପସ୍ଥିତ ଥିଲେ ।

ଅକଭାନ୍ ମୁକାବିଲାରେ ଓଡ଼ିଶା ସଫଳ, ଆସନ୍ତାକାଲିଠୁ କ୍ଷୟକ୍ଷତି ଆକଳନ,ବନ୍ୟା ପ୍ରତିକାର ପାଇଁ ଆସିବ ୧୦୦ବର୍ଷିଆ ଯୋଜନା: ରାଜସ୍ୱ ମନ୍ତ୍ରୀ



ଭୁବନେଶ୍ୱର: ବାତ୍ୟା 'ଅକଭାନ୍'ର ପ୍ରଭାବ ହ୍ରାସ ପାଇବା ସହ ଏବେ ଜନଜୀବନ ସ୍ୱାଭାବିକ ହେବାରେ ଲାଗିଛି। ରାଜ୍ୟ ସରକାରଙ୍କ ସୁଦୃଢ଼ ପ୍ରସ୍ତୁତି, ସମନ୍ୱିତ ପଦକ୍ଷେପ ଓ ସମସ୍ତ ବିଭାଗର ନିଷ୍ଠାପର ଉଦ୍ୟମ ଯୋଗୁଁ ବିନା କୌଣସି ଧନଜୀବନ ହାନିରେ ଓଡ଼ିଶା ଏହି ବିପର୍ଯ୍ୟୟର ସଫଳ ମୁକାବିଲା କରିପାରିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ବାତ୍ୟା ମୁକାବିଲାରେ ବିଭିନ୍ନ ଅଂଚଳରେ ନିୟୋଜିତ ହୋଇଥିବା ଅଧିକାରୀମାନେ ଆସନ୍ତାକାଲିଠାରୁ ନିଜ ନିଜ କାର୍ଯ୍ୟସ୍ଥଳକୁ ଫେରିବା ଆରମ୍ଭ କରିବେ। ସମଗ୍ର ରାଜ୍ୟରେ ବାତ୍ୟାଜନିତ କ୍ଷୟକ୍ଷତିର ଆକଳନ ପ୍ରକ୍ରିୟା ଆସନ୍ତାକାଲିଠୁ ଆରମ୍ଭ ହେବ ଓ ଖୁବଶୀଘ୍ର କ୍ଷତିପୂରଣ ଯୋଗାଇ ଦିଆଯିବ। ଏଥିସହ ରାଜ୍ୟରେ ବାରମ୍ବାର ଦେଖାଦେଉଥିବା ବନ୍ୟା ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଆଗାମୀ ୧୦୦ ବର୍ଷକୁ ଆଖି ଆଗରେ ରଖି ଏକ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଘୋଷଣା କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ବାତ୍ୟା ଓ ବର୍ଷା ଯୋଗୁଁ ବିଭିନ୍ନ ଅଂଚଳରେ ଚାଷଜମିରେ ବ୍ୟାପକ ଫସଲ କ୍ଷତି ହୋଇଥିବା ଓ ପାଚିଲା ଧାନ ଓଦା ହୋଇଯାଇଥିବା ଘଟଣା ସରକାରଙ୍କ ନଜରକୁ ଆସିଛି। ଏଥିପାଇଁ ଚାଷୀମାନେ ଆଦୌ ବିଚଳିତ ନହେବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ଆଶ୍ୱାସନା ଦେଇଛନ୍ତି। ଆସନ୍ତାକାଲିଠାରୁ କ୍ଷୟକ୍ଷତିର ସଠିକ୍ ଆକଳନ ଆରମ୍ଭ ହେବ ଓ ଆବଶ୍ୟକସ୍ଥଳେ ବରିଷ୍ଠ ଅଧିକାରୀମାନଙ୍କୁ କ୍ଷେତ୍ର ପରିଦର୍ଶନରେ ପଠାଯିବ। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)ଙ୍କ ଦପ୍ତରରେ ପୂର୍ବରୁ ପାଣ୍ଠି ମହଜୁଦ ଥିବାରୁ ରାଜ୍ୟ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ନିୟମାବଳୀ ଅନୁଯାୟୀ ଖୁବଶୀଘ୍ର କ୍ଷତିପୂରଣ ଓ କୃଷି ସହାୟତା ରାଶି ପ୍ରଦାନ କରାଯିବ। ଏହାସହିତ ଫସଲ ବୀମାଭୁକ୍ତ କୃଷକଙ୍କୁ କିଭଳି ତୁରନ୍ତ ବୀମା ରାଶି ମିଳିପାରିବ, ସେଥିପାଇଁ ଉପମୁଖ୍ୟମନ୍ତ୍ରୀ ଓ କୃଷି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ବର୍ଷାରେ ଓଦା ହୋଇଯାଇଥିବା ଧାନକୁ ଶୁଖାଇବା, ନିୟମ ଅନୁସାରେ କ୍ଷତିପୂରଣ ଓ କିଣିବା ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ମନ୍ତ୍ରୀ ଶ୍ରୀ ପୂଜାରୀ ଆହୁରି ମଧ୍ୟ କହିଛନ୍ତି ଯେ, ଫାଇଲିନ୍ ଓ ତିତଲି ଭଳି ବିଗତ ବର୍ଷଗୁଡ଼ିକର ବନ୍ୟା ଓ ବାତ୍ୟାର ଅନୁଭୂତି ତଥା ଉପଲବ୍ଧ ତଥ୍ୟକୁ ଆଧାର କରି ଆଗାମୀ ୧୦୦ ବର୍ଷକୁ ଆଖି ଆଗରେ ରଖି ଏକ ଦୀର୍ଘମିଆଦୀ ଖସଡ଼ା ଓ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯିବ। ପ୍ରତ୍ୟେକ ନଦୀ ପ୍ରଣାଳୀରେ କେଉଁଠାରେ ନଦୀବନ୍ଧ, ଭିତ୍ତିଭୂମି ଓ ଜଳ ନିଷ୍କାସନ ବ୍ୟବସ୍ଥାର ଆବଶ୍ୟକତା ରହିଛି ଓ ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ବିପର୍ଯ୍ୟୟର ପ୍ରକୋପକୁ କିଭଳି କମାଯାଇପାରିବ, ସେଥିପାଇଁ ଆଇଆଇଟି ରୁରକି ସମେତ ଅନ୍ୟାନ୍ୟ ପ୍ରତିଷ୍ଠିତ ବୈଷୟିକ ଓ ଗବେଷଣା ପ୍ରତିଷ୍ଠାନ ସହ ଯୋଗାଯୋଗ କରାଯାଇ ସେମାନଙ୍କର ସହଯୋଗ ନିଆଯିବ।

ସଡ଼କ ସୁରକ୍ଷାକୁ ନେଇ ଜିଲ୍ଲାପାଳଙ୍କ କଡ଼ା ଆଭିମୁଖ୍ୟ

୨୩ରୁ ସରକାରୀ କର୍ମଚାରୀଙ୍କ ପାଇଁ ହେଲମେଟ୍ ବାଧତାମୂଳକ

ସୁବର୍ଣ୍ଣପୁର : ସଡ଼କ ଦୁର୍ଘଟଣା ରୋକିବା ସହ ଅମୂଲ୍ୟ ଜୀବନର ସୁରକ୍ଷା ପାଇଁ ସମସ୍ତେ ଟ୍ରାଫିକ୍ ନିୟମ ପାଳନ କରିବା ସହ ନିଜେ ସଚେତନ ହେବା ଏବଂ ଅନ୍ୟମାନଙ୍କୁ ସଚେତନ କରିବା ଆବଶ୍ୟକ। ଏହି ଉଦ୍ଦେଶ୍ୟରେ ଆଜି ଅପରାହ୍ନ ୪.୩୦ ଘଟିକାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ଦେବାଶିଷ ସିଂହଙ୍କ ଅଧକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକ ଅନୁଷ୍ଠିତ ହୋଇଛି। ସଡ଼କ ସୁରକ୍ଷା ଦିଗରେ ଉଦାହରଣ ସୃଷ୍ଟି କରିବା ପାଇଁ ଜିଲ୍ଲାପାଳ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୩ ନଭେମ୍ବର ୨୦୨୬ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଦୁଇଚକିଆ ଯାନରେ ଅଫିସକୁ ଆସିବା ଓ ଯିବା ସମୟରେ ହେଲମେଟ୍ ପିନ୍ଧିବା ବାଧତାମୂଳକ ହେବ। ଏହି ନିୟମ ଉଲ୍ଲଙ୍ଘନ କଲେ ପ୍ରତ୍ୟେକଙ୍କଠାରୁ ୧,୦୦୦ ଟଙ୍କା ଜରିମାନା ଆଦାୟ କରାଯିବ। କାର୍ଯ୍ୟାଳୟ ପରିସର ବାହାରେ ଯାଂଚ କରି ଏହି ନିୟମକୁ କଡ଼ାକଡ଼ି ଲାଗୁ କରିବା ଏବଂ ଜରିମାନା ଆଦାୟ କରିବାକୁ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିଜ ସୁରକ୍ଷା ସହ ପରିବାରର ଖୁସି ପାଇଁ ପ୍ରତ୍ୟେକ କର୍ମଚାରୀ ଏହି ନିୟମକୁ ନିଷ୍ଠାର ସହ ପାଳନ କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି।

ବୈଠକରେ ଜିଲ୍ଲାର ସଡ଼କ ଦୁର୍ଘଟଣା ସ୍ଥିତିର ସମୀକ୍ଷା କରାଯାଇଥିଲା। ୨୦୨୬ ଜାନୁଆରୀରୁ ଅକ୍ଟୋବର ମଧ୍ୟରେ ଜିଲ୍ଲାରେ ୧୩୩ଟି ଫାଟାଲ ଦୁର୍ଘଟଣା ଘଟି ୭୫ ଜଣଙ୍କ ଜୀବନ ଯାଇଛି। ୨୦୨୫ର ସମାନ ଅବଧିରେ ୧୨୮ଟି ଫାଟାଲ ଦୁର୍ଘଟଣାରେ ୭୪ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ତଥ୍ୟ ଅନୁଯାୟୀ ଦୁର୍ଘଟଣା ପ୍ରାୟ ୩ ପ୍ରତିଶତ ଏବଂ ମୃତ୍ୟୁ ସଂଖ୍ୟା ୧ ପ୍ରତିଶତ ବୃଦ୍ଧି ପାଇଛି। ବେପରୁଆ ଓ ଅବହେଳିତ ଭାବେ ଗାଡ଼ି ଚଳାଇବା ଯୋଗୁଁ ୪୯ଟି ଦୁର୍ଘଟଣା ଘଟିଥିବା ବେଳେ ସେଥିରୁ ୨୮ଟି ଫାଟାଲ ଥିଲା। ସେହିପରି ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା ଯୋଗୁଁ ୧୦ଟି ଦୁର୍ଘଟଣା ଘଟିଥିବା ବେଳେ ୭ଟି ଫାଟାଲ ଥିଲା। ସେହିପରି ଯାନ ଯଦି ଦେଖାଯିବ, ତାହେଲେ ଅଧିକାଂଶ ଦୁର୍ଘଟଣା ମୋଟରସାଇକେଲ ଯାନରେ ହୋ